୬ ଏସିଆନ୍ ପାରା ଗେମ୍ସ : ରୌପ୍ୟ ପଦକ ଜିତିଲେ ପ୍ରମୋଦ ଭଗତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

e-paper www.sambadkalika.in

TM

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୬୩ ● ୨୪ ଅକ୍ଟୋବର ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-263 ● 24th October 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27



CBC : 19101/13/0017/2627

Ministry of Home Affairs
Government of India

ପ୍ରଣାମ କରନ୍ତୁ ସେହି ବୀରମାନଙ୍କୁ ଯାହାଙ୍କ ଯୋଗୁ ଦେଶ ଅଖଣ୍ଡ ରହିଛି

ଆନ୍ତରିକ ସୁରକ୍ଷା ବଳକୁ ସମ୍ମାନ

ରାଷ୍ଟ୍ରୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଏକ ସ୍ଥାନରେ ଏକତାର ଅନେକ ରଙ୍ଗ ଦେଖନ୍ତୁ

ଭାରତ ପର୍ବ
୧ ରୁ ୧୫ ନଭେମ୍ବର, ୨୦୨୬
ଏକତା ନଗର, ଗୁଜରାଟ

Rashtriya Ekta Diwas 31st OCTOBER, 2026

ସୂଚନା ଏବଂ ବାସସ୍ଥାନ ବୁକିଂ ପାଇଁ rashtriyaektadiwas.comକୁ ସ୍କାନ କରନ୍ତୁ କିମ୍ବା ପରିଦର୍ଶନ କରନ୍ତୁ



ଶ୍ରୀ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀ


# ପୁଣି ବାତ୍ୟା ଭୟ

## ୨୮ରେ ଦକ୍ଷିଣ ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ୍

ଭୁବନେଶ୍ୱର, ୨୩।୧୦
ନ୍ୟୁଜ୍ ବ୍ୟୁରୋ

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଅଧିକ ଘନୀଭୂତ ହୋଇ ଶନିବାର ଅବପାତ ଓ ରବିବାରରେ ଗଭୀର ଅବପାତର ରୂପ ନେବା ସହ ୨୬ ତାରିଖରେ ଏକ ଘୂର୍ଣ୍ଣିବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ୨୮ ତାରିଖ ସକାଳ ସୁଦ୍ଧା ଏହା ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବା ନେଇ ଆକଳନ କରାଯାଇଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୩୫ରୁ ୪୫ କିଲୋମିଟର ରହିବା ବେଳେ



ଏହା ଧିରେ ଧିରେ ବଢ଼ି ୨୬ ସକାଳ ବେଳକୁ ୭୦-୮୦ କିମି ଏପରିକି ଝଟକା ପବନ ୯୦ କିଲୋମିଟର ପର୍ଯ୍ୟନ୍ତ ଛୁଇଁପାରେ। ଏହାପରେ ବାତ୍ୟାଟି ଉପକୂଳ ଆଡକୁ ଯେତିକି ବଢ଼ିବ ପବନର ବେଗ ମଧ୍ୟ ସେହି ଅନୁସାରେ ବଢ଼ିପାରେ। ତେବେ ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ କେତେ ରହିବ ସେନେଇ (ପୃଷ୍ଠା ୭ରେ)

## ‘ଜିରୋ କାଜୁଆଲ୍ଟି’ ପାଇଁ ନିର୍ଦ୍ଦେଶ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୨୩।୧୦ : ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ରମଶଃ ଘନୀଭୂତ ହୋଇ ବାତ୍ୟାର ରୂପ ନେବାର ଆଶଙ୍କା ଥିବାରୁ ରାଜ୍ୟ ସରକାର ସତର୍କ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଶନିବାର ରାଜୀବ ଭବନସ୍ଥିତ ଏସଇଓସି କନଫରେନ୍ସ ହଲରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟର ମୁଖ୍ୟ ଶାସନ ସଚିବ (ପୃଷ୍ଠା ୭ରେ)

# ଇଣ୍ଡିଆ କେମ୍ : ଓଡ଼ିଶା ଆସିବ ୫୪ ହଜାର କୋଟିର ନିବେଶ

## ୨୫ଟି ୱାନ୍ ଟୁ ୱାନ୍ ବୈଠକ, ୯ଟି ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୩।୧୦
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ କେମ୍ ୨୦୨୬ରେ ଓଡ଼ିଶା ଏକ ଅଗ୍ରଣୀ ପୁଞ୍ଜି ଆକର୍ଷଣକାରୀ ରାଜ୍ୟ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ମୁଖ୍ୟମନ୍ତ୍ରୀଙ୍କ ଟିମ୍ ଓଡ଼ିଶାର ନେତୃତ୍ୱ ନେଇ କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଆୟୋଜିତ ଏହି କନ୍‌କ୍ଲେଭ୍‌ରେ ଗତ ୨୨ ଏବଂ ୨୩ ତାରିଖରେ ଯୋଗ ଦେବା ପରେ ଶୁକ୍ରବାର ଭୁବନେଶ୍ୱର ଫେରିବା ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁମ୍ବାଇରେ ଏହି ଦୁଇ ଦିନରେ ୯ଟି ଏମଓୟୁ ସହିତ ୪ଟି ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ଓଡ଼ିଶାକୁ ସମୁଦାୟ ୫୩,୮୯୩.୫୧ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି, ଯାହା ଦ୍ୱାରା ୨୦,୨୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆସନ୍ତା ବର୍ଷ ଏହି ସମ୍ମିଳନୀ ଓଡ଼ିଶାରେ ଆୟୋଜନ କରିବା



ପାଇଁ ସେ କେନ୍ଦ୍ର ସରକାର ଓ ଫିକି ସହିତ ଆଲୋଚନା କରିଥିଲେ ଏବଂ ଏଥିପାଇଁ ଉଭୟେ ଗ୍ରୀନ ସିଗ୍‌ନାଲ୍ ଦେଇଛନ୍ତି। ଆସନ୍ତା ବର୍ଷ ୨୦୨୭ ଅକ୍ଟୋବର ମାସରେ ଓଡ଼ିଶା କେମ-୨୦୨୭ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅବସରରେ ବିଭିନ୍ନ ବିଜନେସ୍ ଲିଡର ମାନଙ୍କ ସହିତ ୨୫ଟି ୱାନ ଟୁ ୱାନ୍ ମିଟିଂ ଅନୁଷ୍ଠିତ ହୋଇଛି। ପସ୍କୋ ଇଣ୍ଡିଆ, ଜେ.ଏସ୍.ଡବ୍ଲ୍ୟୁ, ଏଲ୍ ଆଣ୍ଡ ଟି ଆଦି କମ୍ପାନୀଗୁଡିକ ସହିତ ଆମେରିକା ଓ ୟୁରୋପିଆନ୍ ୟୁନିଅନ୍‌ର ବିଭିନ୍ନ ଦେଶର କମ୍ପାନୀମାନଙ୍କର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ।

ଏହି ଆଲୋଚନା ଦ୍ୱାରା ସେମାନଙ୍କର ଆବଶ୍ୟକତା ବିଷୟରେ ଜାଣିବା ସହିତ ଓଡ଼ିଶାରେ ନିବେଶ କରିବା ପାଇଁ କେଉଁ ସୁବିଧା ସୁଯୋଗ ଉପଲବ୍ଧ ଅଛି, ସେମାନେ ମଧ୍ୟ ଜାଣିପାରିଛନ୍ତି। ଏହାଦ୍ୱାରା ବିଭିନ୍ନ ସମ୍ଭାବ୍ୟ ନିବେଶକମାନଙ୍କ ସହିତ ଉତ୍ତମ ବୁଝାମଣା ସୃଷ୍ଟି ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ନିବେଶ ପାଇଁ ଏହି କମ୍ପାନୀମାନଙ୍କର ଖୁବ୍ ଆଗ୍ରହ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କମ୍ପାନୀମାନଙ୍କ ସହିତ ଏହି ଆଲୋଚନା ପାଇଁ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କର ଖୁବ୍ ସହଯୋଗ ରହିଛି ବୋଲି ମତ ଦେଇ ଏଥିପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏକ ମେଟାଲଭିତ୍ତିକ ଅର୍ଥନୀତିରୁ କେମିକାଲଭିତ୍ତିକ ଅର୍ଥନୀତିକୁ ଡାଇଭର୍ସିଫାଇ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ରହିଛି, ତାକୁ ସାକାର କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହୋଇଛି। ଓଡ଼ିଶାରେ (ପୃଷ୍ଠା ୭ରେ)

## ବାଣ ବିସ୍ଫୋରଣ ୭ ମୃତ

ବିହାର, ୨୩।୧୦

ଶୁକ୍ରବାର ସନ୍ଧ୍ୟାରେ ବିହାର ସିୱାନ ଜିଲ୍ଲା ଆଲାମପୁର ଗାଁରେ ବାଣ ବିସ୍ଫୋରଣ ଘଟି ୭ ଜଣ ମୃତ୍ୟୁବରଣ କରିଥିବା ପ୍ରାଥମିକ ଖବରରୁ ଜଣାପଡିଛି। ଲାଇସେନ୍ସ ପ୍ରାପ୍ତ ବାଣ ଦୋକାନରେ ବାଣ ପ୍ରସ୍ତୁତି ବେଳେ ଏହି ଅଘଟଣ ଘଟିଥିବା ଜଣାପଡିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, (ପୃଷ୍ଠା ୭ରେ)

## ୨୫ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ : ଗସ୍ତସୂଚୀ ଜାରି

ଭୁବନେଶ୍ୱର, ୨୩।୧୦ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୫ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀଙ୍କ ଗସ୍ତସୂଚୀ ଅନୁସାରେ ୨୫ ତାରିଖ ଅପରାହ୍ନ ୪ଟା ୧୦ରେ ସେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବେ। ଏହାପରେ ୪ଟା ୧୫ରେ ହେଲିକପ୍ଟରରେ ଯାଇ ଖୋର୍ଦ୍ଧା ହେଲିପ୍ୟାଡରେ ୪ଟା ୩୫ରେ ପହଞ୍ଚିବେ। ଖୋର୍ଦ୍ଧା ହେଲିପ୍ୟାଡରୁ ବାହାରି ୪ଟା ୪୫ରେ ଆରବିଆଇ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ୪ଟା ୪୫ରୁ ୫ଟା ୪୫ ଯାଏଁ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ଏହାପରେ ୫ଟା ୫୦ରୁ ସେଠାରୁ ବାହାରି ସଡ଼କ ପଥରେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ୬ଟା ୩୦ରେ ପହଞ୍ଚି ଦିଲ୍ଲୀ ଫେରିଯିବେ ପ୍ରଧାନମନ୍ତ୍ରୀ। ଏପଟେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ଏବଂ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ପିଏମଙ୍କ କାରକେଡ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା କରାଯାଉଛି। ପୋଲିସ ପକ୍ଷରୁ ଏବେଠାରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ନିର୍ମିତ ଅସ୍ଥାୟୀ ହେଲିପ୍ୟାଡଠାରୁ ଆରବିଆଇ ଡାଟା ସେଣ୍ଟର୍ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳକୁ ସୁରକ୍ଷା ବଳୟ ଭିତରେ ରଖାଯାଇଛି।

## ଏକାଳ ପଖାଳ



ଚିନ୍ତା କିଛି କରିବା ନାହିଁରେ
ସର୍କାର କରିବେ ସବୁ
ବାତ୍ୟା ଆସିଲେ ବଙ୍ଗୋପସାଗରେ
ଠେଲି ଦେବେ ତାକୁ ବାବୁ
ଏମିତି ସାହସ ଦେବୁ
ଅର୍ଣ୍ଣବ ଫର୍ଣ୍ଣବ ସବୁ ଉଡିଯିବେ
ଯଦି ଅଡି ବସି ଯିବୁ।




## ୨୦୫୦ ସୁଦ୍ଧା ବର୍ଷକୁ ୨.୪୭ କୋଟି ଲୋକଙ୍କୁ ହୋଇପାରେ ଡିମେନ୍ସିଆ



ନୂଆଦିଲ୍ଲୀ, ୨୩।୧୦

ଆଗାମୀ ଦଶନ୍ଧିଗୁଡ଼ିକରେ ଡିମେନ୍ସିଆ (ଭୁଲା ରୋଗ) ବିଶ୍ୱ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇପାରେ। ୨୦୨୩ରେ ବିଶ୍ୱରେ ପ୍ରାୟ ୧.୧୪ କୋଟି ଲୋକ ଏହି ରୋଗରେ ନୂଆ କରି ଆକ୍ରାନ୍ତ ହୋଇଥିବାବେଳେ ୨୦୫୦ ସୁଦ୍ଧା ଏହି ସଂଖ୍ୟା ବର୍ଷକୁ ୨.୪୭ କୋଟିରେ ପହଞ୍ଚିପାରେ। ‘ଜାମା ନ୍ୟୁରୋଲୋଜି’ ପତ୍ରିକାରେ ପ୍ରକାଶିତ ଏକ ବୈଶ୍ୱିକ ଅଧ୍ୟୟନରେ ଏହି ଆକଳନ କରାଯାଇଛି। ବିଶ୍ୱରେ ଜନସଂଖ୍ୟାର ବୟସ ବଢ଼ିବା ସହ ଏହି ରୋଗର ନୂଆ ମାମଲା ବଢ଼ିବାର ଆଶଙ୍କା ରହିଛି।

ଡିମେନ୍ସିଆ ହେଉଛି ଏପରି ଏକ ଅବସ୍ଥା, ଯେଉଁଥିରେ ସ୍ମରଣଶକ୍ତି, ଚିନ୍ତା କରିବାର କ୍ଷମତା ଓ ଦୈନନ୍ଦିନ କାର୍ଯ୍ୟ କରିବାର ଦକ୍ଷତା ପ୍ରଭାବିତ ହୁଏ। ଏହା କେବଳ ସ୍ମୃତିଶକ୍ତି ହ୍ରାସ ମଧ୍ୟରେ ସୀମିତ ନୁହେଁ। ଏହି ଅଧ୍ୟୟନରେ ୬ଟି ମହାଦେଶର ୧୮ଟି ଦେଶ ଓ (ପୃଷ୍ଠା ୭ରେ)


ନିଜ ନାମାଙ୍କନ ବିବରଣୀ ଅଦ୍ୟାବତ ରଖନ୍ତୁ

ମହତ୍ତ୍ୱ ରଖୁଥିବା ବ୍ୟକ୍ତିଙ୍କ ସୁରକ୍ଷା ସକାଶେ

ଆପଣଙ୍କ ନାମାଙ୍କନ ସେମାନଙ୍କ ସୁରକ୍ଷା



ସମସ୍ତ ବ୍ୟାଙ୍କ ଜମା ଆକାଉଣ୍ଟ ଏବଂ ଲକରରେ ନାମାଙ୍କନ ପଞ୍ଜୀକରଣ କରନ୍ତୁ

ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନ୍ ଚ୍ୟାନେଲ ବ୍ୟବହାର କରି ନାମାଙ୍କନ ପ୍ରକ୍ରିୟା ପୂରଣ କରନ୍ତୁ।

ନାମାଙ୍କନ ସବୁବେଳେ ଅଦ୍ୟାବତ୍ ରଖନ୍ତୁ।

ଗୋଟିଏ ସମୟରେ 4 ଜଣ ନୋମିନୀ ରଖି ପାରିବେ-। ବ୍ୟାଙ୍କ ଡିପୋଜିଟ ପାଇଁ ପ୍ରତି ନୋମିନୀଙ୍କ ଭାଗ ଧାର୍ଯ୍ୟ କରନ୍ତୁ।

କିମ୍ବା

ଗୋଟିଏ ସମୟରେ 4 ଜଣ ନୋମିନୀ ରଖି ପାରିବେ। ବ୍ୟାଙ୍କ ଡିପୋଜିଟ୍‌ସ ତଥା ସେଫ୍ ଡିପୋଜିଟ ଲକର୍‌ସ କ୍ଷେତ୍ରରେ କାହା ପରେ କିଏ ପ୍ରାଧାନ୍ୟ ପାଇବ (ଆଗର ନୋମିନୀ/ମାନଙ୍କ ମୃତ୍ୟୁ ହେବା ସ୍ଥିତିରେ)।

ଆର୍‌ବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

ଅଧିକ ଜାଣିବା ପାଇଁ https://rbikehtahai.rbi.org.in/nomination-and-settlement କୁ ଯାଆନ୍ତୁ

ଅଫିସିଆଲ୍ ହ୍ୱାଟ୍‌ସଆପ୍ ନ. 99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in





# ଡ.ସୁଲୋଚନା ଦାସ ପାଇବେ ଗୋଦାବରୀଶ ସମ୍ମାନ-୨୦୨୬

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରରେ ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦର ମର୍ଯ୍ୟାଦାଜନକ ଗୋଦାବରୀଶ ସମ୍ମାନ ଏ ବର୍ଷ ଲାଭ କରିବେ ବିଶିଷ୍ଟ ଲେଖିକା ଡକ୍ଟର ସୁଲୋଚନା ଦାସ। ଏତଦ୍‌ବ୍ୟତିତ ଏବର୍ଷର ଗୋଦାବରୀଶ କବିତା ସମ୍ମାନ - ରବି ଶତପଥୀ, ଗୋଦାବରୀଶ ଗଳ୍ପ ସମ୍ମାନ- ଦିବାକର ମାନସିଂହ, ଦୁର୍ଗା ଚରଣ ସ୍ମୃତି ସମ୍ମାନ (ପ୍ରବନ୍ଧ) -ଡ. ଶରତ୍ କୁମାର ସାହୁ, କନକଲତା ସ୍ମୃତି ସମ୍ମାନ (ଗଳ୍ପ) - ଲକ୍ଷ୍ମୀଚାନ୍ଦ, ଗଗନ ବିହାରୀ ସ୍ମୃତି ସମ୍ମାନ(କବିତା) -ନୀଳ ଲୋହିତ ସିଂହଦେବ, ଶୈଳବାଳା ସ୍ମୃତି ସମ୍ମାନ(କବିତା) - ସୁଶାନ୍ତ କୁମାର ନାୟକ, ଇଚ୍ଛାମଣି ଦେବୀ ସ୍ମୃତି ସମ୍ମାନ- ସୌଦାମିନୀ ସାମନ୍ତରାୟ ଓ ପ୍ରଭାକର ମହାନ୍ତି ସ୍ମୃତି ସମ୍ମାନ-ରଶ୍ମୀରେଖା ବେହେରା ଲାଭ କରିବେ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ସଂସଦର ସଭାପତି ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ ଓ ସଂପାଦକ ଡ. ରାମଚନ୍ଦ୍ର ମହାନ୍ତି ଜଣାଇଛନ୍ତି।

# ବିପର୍ଯ୍ୟୟ ସମୟରେ ସତର୍କତା ଅବଲମ୍ବନ ଉପରେ ଗୁରୁତ୍ୱ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପର ଓ କ୍ରୀଡା ମନ୍ତ୍ରାଳୟ ମେରା ଯୁବ ଭାରତ ଓ ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆନ୍ତର୍ଯ୍ୟାତିୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ସହର ସ୍ଥିତ ଯଶୋଦା ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା, ଓଡିଶା ସାମ୍ବାଦିକ ସଙ୍ଘର ରାଜ୍ୟ ମହିଳା ଆବାହିକା ତଥା ଆଶା ଇକବାଲ ଜାତୀୟ ପୁରସ୍କାର ପ୍ରାପ୍ତ ସୁଶ୍ରୀ ବିଜୟ ଲକ୍ଷ୍ମୀ ମହାଙ୍କୁଡ଼ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଓଡିଶା ସାମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ




ଅତିଥିଭାବେ ଛତ୍ରପୁର ଓ ଏସ ଏ ପି ଅଷ୍ଟମ ବାଟାଲିୟନର ଡେପୁଟି କମାଣ୍ଡେଣ୍ଟ ଯଶୋବନ୍ତ ସେଠି ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିଖ୍ୟାନୁଷ୍ଠାନର ମୁଖ୍ୟ ପରିଚାଳକ ତଥା ବିଶିଷ୍ଟ ସମାଜସେବୀ ମଙ୍ଗରାଜ ପଣ୍ଡା, ସମ୍ମାନିତ ଅତିଥି ଯଶୋଦା ମହାବିଦ୍ୟାଳୟ ର ଅଧ୍ୟକ୍ଷ ଆକାଶ ସାହୁ ପ୍ରମୁଖ ମଞ୍ଚାସିନ ହେବା ସହ ବିପର୍ଯ୍ୟୟ ସମୟରେ ସତର୍କତା ଅବଲମ୍ବନ କରି କିପରି ବିପଦ କୁ ଏଡାଇ ଦିଆଯାଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଟାଲିୟନର ଇନିସ୍ପେକ୍ଟର ପ୍ରଦୀପ କୁମାର ଦଣ୍ଡପାଟ, ହାବିଲଦାର ନିର୍ମଳ ଚନ୍ଦ୍ର ବେହେରା, ସିପାହୀ ପ୍ରଣୟ କୁମାର ଜେନା, ବିକାଶ ଭଦ୍ର ପାତ୍ର, ସାଲବେଗ ଜାନି, ବି. ଭିକି ରେଡ଼ି, ଗାଲବ ବିଶୋଇ, ସୂର୍ଯ୍ୟମଣି ଡାଙ୍ଗୁଆ, ସୁକାନ୍ତ ପଲାଇ, ଆର. ପ୍ରଫୁଲ ରେଡ୍ଡି, କେ. ଦେବରାଜ ରେଡ୍ଡି ପ୍ରମୁଖ ଓଡ୍ରାଫ ଟିମ ଯୋଗଦେଇ ବିଭିନ୍ନ କୌଶଳ ପ୍ରଦର୍ଶନ ପୂର୍ବକ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବିପର୍ଯ୍ୟୟ କୁନେଇ ଶିଖ୍ୟାନୁଷ୍ଠାନର ଛାତ୍ରୀ ମାନଙ୍କ ମାଧ୍ୟମରେ ଆୟୋଜିତ ବକ୍ତୃତା ଓ ଲିଖନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସଦସ୍ୟ ରାଧା ରମଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ୍ରାଫ ପକ୍ଷରୁ ବିପର୍ଯ୍ୟୟ ସୁରକ୍ଷା ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିଖ୍ୟାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରୀ ମାନେ ଉପସ୍ଥିତ ରହିଥିଲେ।



# ଦେବୀଙ୍କ ନବରାତ୍ର ପୂଜା ପୁସ୍ତକ ଲୋକାର୍ପଣ ଉତ୍ସବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଶ୍ରୀଦୁର୍ଗା ମନ୍ଦିର, ବାରମହାରାଜପୁର ଠାରେ ଦୁର୍ଗା ଦେବୀଙ୍କ ନବରାତ୍ର ପୂଜା ମହା ସମାରୋହରେ ହୋଇଯାଇଛି। ଏହି ପାର୍ବଣ ମୁହୂର୍ତ୍ତରେ ମନ୍ଦିର ପରିସରରେ ଡ. ଦ୍ବିତୀକୃଷ୍ଣ ପଣ୍ଡାଙ୍କ ରଚିତ 'ଦେବୀଙ୍କ ନବରାତ୍ର ପୂଜା' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ପୁସ୍ତକରେ ଦେବୀଙ୍କ ଦିବ୍ୟ ସ୍ୱରୂପ ବର୍ଣ୍ଣନା ପ୍ରାଞ୍ଜଳ ଭାବରେ ରହିଛି। ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ଆଧ୍ୟାତ୍ମିକ ସଭାରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ, ବରିଷ୍ଠ ନାଗରିକ ସଂଗଠନର ପୂର୍ବତନ ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ, ସଭାପତି ଦୟାନିଧି ହୋତା, ସଦସ୍ୟ ଜ୍ଞାନେନ୍ଦ୍ର ତ୍ରିପାଠୀ, ଦୁର୍ଗା ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ଦାଶ, ପରିଚାଳନା କମିଟି ସଦସ୍ୟ ଭାଗିରଥି ମେହେର୍, ଶ୍ରୀନିବାସ ରଥ, ଶିବ ଅଗ୍ରୱାଲ, ସୋମନାଥ ମିଶ୍ର, ରାମ ମେହେର, ଲେଖକ ଡ.ଦ୍ବିତୀକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ଉନ୍ମୋଚନ କରିବା ସହିତ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ମନ୍ଦିରରେ ସୁନ୍ଦରକାଣ୍ଡର ମଧ୍ୟ ଆୟୋଜନ ହୋଇଥିଲା। ଏଣୁ ବିପୁଳ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

# ବରିଷ୍ଠ ଆଇନଜୀବୀଙ୍କ ପରଲୋକ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସହର ବଡବଜାରର ଜଣେ ଜଣାଶୁଣା ବରିଷ୍ଠ ଆଇନଜୀବୀ ଦିବାକର ସାହୁଙ୍କ ୮୨ ବର୍ଷ ବୟସରେ ପରଲୋକ ଘଟିଛି। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ପରଲୋକ ଘଟିଥିବା ଖବର ମିଳିଛି। ଗତ ପ୍ରାୟ ୧୫ ଦିନ ହେଲା ସ୍ୱର୍ଗତ ସାହୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଥିଲେ। ଆଜି ଭୋର ସମୟରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାରବର୍ଗ ପକ୍ଷରୁ ସୂଚନା ଦିଆଯାଇଛି। ୫୦ ବର୍ଷରୁ ଉର୍ଦ୍ଧ ସମୟ ସେ ଜଣେ ପେଶାଦର ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ। ଫୌଜଧାରୀ ମାମଲା ଗୁଡିକୁ ସ୍ୱର୍ଗତ ସାହୁ ଖୁବ୍ ଦକ୍ଷତାର ସହ ପରିଚାଳନା କରୁଥିଲେ। ଦୀର୍ଘ ବର୍ଷ ଧରି ପବ୍ଲିକ ପ୍ରସିକ୍ୟୁଟର ଭାବେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସ୍ୱର୍ଗତ ସାହୁ ଶିକ୍ଷକତା ପେଶାକୁ ଛାଡି ପରେ ଓକିଲାତିରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ସୋନପୁର ସହର ତଥା ସମଗ୍ର ଜିଲ୍ଲା ଏବଂ ବଡବଜାର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ତିନି ପୁଅ ଯଥା ଶଶାଙ୍କ ଶେଖର ସାହୁ, ବିଜୟ ଶଙ୍କର ସାହୁ ଓ ଶ୍ୟାମେସ କୁମାର ସାହୁ ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ବେଳେ ବଡ ପୁଅ ଶଶାଙ୍କ ମୁଖାଗ୍ନି ଦେଇଥିଲେ। ଆଜି ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ସାହୁଙ୍କ ପରଲୋକ ଖବର ଜଣାପଡିବା ପରେ ଜିଲ୍ଲା ଓକିଲ ସଂଘରେ ଶୋକର ଛାୟା ଖେଳି ଯାଇଥିଲା। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ଠାରେ ସଂଘ ସଭାପତି ପ୍ରତାପ ପୁରୋହିତଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା ବେଳେ ବରିଷ୍ଠ ଓକିଲ ମାନେ ତାଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

# ଛାତ୍ର ଆଇନ ସାକ୍ଷରତା କ୍ଲବ ପକ୍ଷରୁ ବିପର୍ଯ୍ୟୟ ପୀଡ଼ିତଙ୍କୁ ଆଇନ୍ ସେବା କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ଅନ୍ତର୍ଗତ କାଦୁଅପଡା ସ୍ଥିତ ଗାଦିବ୍ରହ୍ମ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଛାତ୍ର ଆଇନ ସାକ୍ଷରତା କ୍ଲବରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ବିପର୍ଯ୍ୟୟ ପୀଡ଼ିତଙ୍କୁ ଆଇନଗତ ସେବା ଯୋଜନା, ୨୦୧୦ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ଆଇନ ସେବା ପ୍ରାଧିକରଣ ସଚିବ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ ବିଦ୍ୟାଳୟରେ ଆଇନ ସାକ୍ଷରତା କ୍ଲବ କିପରି କାର୍ଯ୍ୟ କରିଥାଏ ଏବଂ ବିଦ୍ୟାର୍ଥୀଙ୍କ ଜରିଆରେ ତୃଣ ମୂଳ ସ୍ତରରେ କିପରି ଆଇନ ସାକ୍ଷରତା ସୃଷ୍ଟି କରିହେବ ଏହି ବିଷୟରେ ଆଲୋଚନା କରିବା ସହ ପ୍ରାକୃତିକ ବିପର୍ଜୟର ଶିକାର ହେଉଥିବା ବ୍ୟକ୍ତିଙ୍କୁ କିପରି ଆଇନ ସେବା ଦିଆଯାଇପାରିବ ଏହି ବିଷୟରେ ସଚିବ ବିସ୍ତୃତ ଭାବେ ସଚେତନ କରାଇଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଁ ଦନ୍ତେଶ୍ୱରୀଙ୍କ ପୀଠରେ ନୂଆଁଖାଇ ଭେଟଘାଟ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଧାମନାଗୁଡ଼ାଠାରେ ଭତ୍ରା ସମାଜ ପକ୍ଷରୁ ଜିଲ୍ଲା ସ୍ତରୀୟ 'ନୂଆଁଖାଇ ଭେଟଘାଟ' ସମାରୋହ ଅତ୍ୟନ୍ତ ଉତ୍ସାହ ଓ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପବିତ୍ର ଅବସରରେ ମାଁ ଦନ୍ତେଶ୍ୱରୀ ମନ୍ଦିର ପରିସରରେ ନୂଆଁଖାଇ ଜୁହାର ସହ ଭେଟଘାଟ ପାରମ୍ପରିକ ରୀତିନୀତି ଏବଂ ସାଂସ୍କୃତିକ ପରମ୍ପରା ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ୧୦ଟି ବ୍ଲକରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଭତ୍ରା ସମାଜର ଲୋକଙ୍କ ସମାଗମ ହୋଇ ଏକ ଅପୂର୍ବ ଆଧ୍ୟାତ୍ମିକ ପରିବେଶ, ଆତ୍ମୀୟତା ଏବଂ ଭାଇଚାରାର ଦୃଶ୍ୟ ପରିଲକ୍ଷିତ ହୋଇଥିଲା। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ସମାଜର ଏକତା, ପରମ୍ପରା ଓ ସଂସ୍କୃତିର ସୁରକ୍ଷା ଉପରେ



ବିଶେଷ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ମନୋହର ରନ୍ଧାରୀ , ନର୍ସିଂହ ଭତ୍ରା (ବିଧାୟକ, ଝରିଗାଁ), ଗୌରୀଶଙ୍କର ମାଝୀ (ବିଧାୟକ, ନବରଙ୍ଗପୁର), ରମେଶ ଚନ୍ଦ୍ର ମାଝୀ (ପୂର୍ବତନ ସାଂସଦ), ଶ୍ରୀ ଭୁଜବଳ ମାଝୀ (ପୂର୍ବତନ ବିଧାୟକ), ଶୁଶ୍ରୀ ଡକ୍ଟର ଲିପିକା ମାଝୀ (ଜିଲ୍ଲା ସଭାପତି), ପର୍ଶୁରାମ ମାଝୀ, ରାଧା ଭତ୍ରା (ପୌର ଅଧ୍ୟକ୍ଷା), ମତିରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ନବରଙ୍ଗପୁର ଜିଲ୍ଲାର ସମସ୍ତ ବ୍ଲକର ଚେୟାରମ୍ୟାନ, ଜିଲ୍ଲା ପରିଷଦ ସଭ୍ୟ, ପ୍ରତ୍ୟେକ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମସ୍ତ ଶ୍ରଦ୍ଧାଳୁ ଓ ଅତିଥିବୃନ୍ଦ ମାଁ ଦନ୍ତେଶ୍ୱରୀଙ୍କ ପୀଠରେ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରସାଦ ସେବନ କରିଥିଲେ। ଏହାପରେ ଆୟୋଜିତ ସଭା କାର୍ଯ୍ୟରେ ପରସ୍ପରକୁ 'ନୂଆଁଖାଇ ଜୁହାର' ଜଣାଇ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ବିନିମୟ କରିଥିଲେ।

# ଚୌଦ୍ୱାରରେ ରୂପଯାତ୍ରା ପାଇଁ ବନ୍ଧୁ ମିଳନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାରର ଐତିହାସିକ ରୂପଯାତ୍ରା ପାଇଁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପରିଚାଳନାରେ ଜଗତପୁରସ୍ଥିତ ଜଳସେଚନ ଡାକବଙ୍ଗଳାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ରୂପଯାତ୍ରା ଉପଲକ୍ଷେ ଚୌଦ୍ୱାର ଅଞ୍ଚଳରେ ନିର୍ମିତ ମୋଟ ୪୩ଟି ମେଢ଼ କମିଟିର ସଭାପତି, ସମ୍ପାଦକ, ଯାତ୍ରା କମିଟି ସଦସ୍ୟବୃନ୍ଦ, ବରିଷ୍ଠ ନାଗରିକ, ଖବରଦାତା ତଥା ଯୁବଗୋଷ୍ଠିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହିନ୍ଦୁ ସେବକ ସଂଘ ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏସିପି ଅରୁଣ କୁମାର ସ୍ୱାଇଁ,ଚୌଦ୍ୱାର ଆଇଆଇସି ଡ. ବିକାଶ ସେଠୀ, ଆଡ଼ିସନାଲ ତହସିଲଦାର ପ୍ରଜ୍ଞା ପାରମିତା ପଣ୍ଡା, ଜନସ୍ୱାସ୍ଥ୍ୟ ଆସିଷ୍ଟାଣ୍ଟ ଇଂଜିନିୟର ଦୀପଙ୍କର ଜେନା, ଅଗ୍ନିଶମ ଅଧିକାରୀ ସୌମ୍ୟ ରଞ୍ଜନ ରାଉତ,ରୂପଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ,ଜ୍ଞାନେନ୍ଦ୍ର ସ୍ୱାଇଁ , ଟାଟା ପାୱାର ଜେଇ ପର୍ଶୁରାମ ଓଝା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇବା ସହିତ ଅଞ୍ଚଳର ପ୍ରସିଦ୍ଧ ତଥା ଐତିହାସିକ ରୂପଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ତଥା ଜାକ ଜମକରେ ପାଳନ କରିବା ପାଇଁ ସମସ୍ତେ ନିଷ୍ଠାର ସହ ସହଯୋଗ କରିବାପାଇଁ ନିବେଦନ କରିଥିଲେ। ଅର୍ଜୁନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

# ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରା ଶିବିର ଅଦାଲତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ମହିଳା କମିଶନଙ୍କ ଦ୍ୱାରା ସୁନ୍ଦରଗଡ଼ ସଦର ମହକୁମା ଠାରେ ଏକ ଶିବିର ଅଦାଲତ ବା କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ଏବଂ କମିଶନର ସଭ୍ୟା ପ୍ରତିଭା ଶତପଥୀ ଏବଂ ମୁକ୍ତା ସାହୁ ଉପସ୍ଥିତ ରହି ବିଭିନ୍ନ ମାମଲା ଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ପ୍ରତ୍ୟେକ ମହିଳା ଯେମିତି ଉଚିତ୍ ନ୍ୟାୟ ପାଇବେ ଏବଂ ସମାଜରେ ସମ୍ମାନର ସହ ଜୀବନ ଯାପନ କରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ମହିଳାମାନେ ଯେଭଳି ନିଜର ମୌଳିକ ଅଧିକାର ସମ୍ପର୍କରେ ଅବଗତ ହେବେ ତଥା ସେହି ମୌଳିକ ଅଧିକାରରୁ ଯେମିତି ସେମାନେ ବଞ୍ଚିତ ନ ହେବେ ତାହା ପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ଏବଂ ଏଥି ନିମନ୍ତେ ବ୍ୟାପକ ଜନସେଚତନତା ଉପରେ ଆଲୋଚନା କରିଥିଲେ। ସେହିଭଳି ସେ ପରିବାରର ସୁସଂସ୍କାର ଏବଂ ଆଧ୍ୟାତ୍ମିକ ଚେତନା ଉପରେ ମଧ୍ୟ ଆଲୋକପାତ କରିଥିଲେ। ପରିବାରର ସୁସଂସ୍କାର ସମାଜରେ ନିର୍ଯାତନାକୁ ହ୍ରାସ କରିବାରେ ବହୁମାତ୍ରାରେ ସହାୟକ ହୋଇଥାଏ। ଗୋଟିଏ ପରିବାରରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ସୁସମ୍ପର୍କ, ଉଭୟ ପ୍ରତି ସମ୍ମାନ, ଉତ୍ତମ ବୁଝାମଣା ଦ୍ୱାରା




ମଧ୍ୟ ନିର୍ଯାତନା ଘଟି ନଥାଏ ଏବଂ ପାରିବାରିକ ସୁଖ ଶାନ୍ତି ବଜାୟ ରହିଥାଏ। ସେହିଭଳି ଯଦି କୌଣସି ମହିଳାଟିଏ ନିର୍ଯାତନାର ଶିକାର ହୋଇ କୌଣସି ଥାନାକୁ ଗଲେ ସେଠାରେ ପୋଲିସମାନେ ତାଙ୍କପ୍ରତି ସମବେଦନା ଜଣାଇବା ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହିତ ସେ ଯେଭଳି ଉଚିତ୍ ନ୍ୟାୟ ପାଇବେ ସେଥିପ୍ରତି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଉପସ୍ଥିତ ପୋଲିସ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିର ଅଦାଲତରେ ମୋଟ ୨୨ଟି ମାମଲା ବା କେସ୍ ରହିଥିଲା। ଏଥିମଧ୍ୟରୁ ୧୯ଟି ମାମଲାର ଶୁଣାଣି ହୋଇଥିଲା। ସେହିଭଳି କେବଳ ୪ ଗୋଟି ମାମଲାରେ ଉଭୟ ପକ୍ଷ ଉପସ୍ଥିତ ରହିଥିଲେ ଏବଂ ୧୧ଟି ମାମଲାରେ କେବଳ ଅଭିଯୋଗକାରୀ ଉପସ୍ଥିତ ରହିଥିଲେ। ସେହିପରି ୪ ମାମଲାରେ କେବଳ ବିପକ୍ଷମାନେ ଉପସ୍ଥିତ ଥିଲେ। ଏହି ସମସ୍ତ ମାମଲାଗୁଡ଼ିକ ମଧ୍ୟରେ ୪ଟି ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ କରାଯାଇଥିଲା। ସେହିଭଳି ୪ଟି ମାମଲାକୁ ଆରକ୍ଷୀ ଅଧିକ୍ଷକଙ୍କୁ ଏବଂ ଗୋଟିଏ ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ପ୍ରେରଣ କରାଯାଇଥିଲା। ସେହିଭଳି ୯ଟି ମାମଲାକୁ ପୁର୍ନବାର ଉପସ୍ଥିତ ହେବାକୁ ନୋଟିସ ପ୍ରଦାନ କରାଯାଇଥିଲା ଏବଂ ଅନ୍ୟାନ୍ୟ କାରଣବଶତଃ ଗୋଟିଏ ମାମଲାକୁ ଖାରଜ କରାଯାଇଥିଲା। ଏହି ଅବସରରେ ଗୋଟିଏ ନୂତନ ମାମଲା ମଧ୍ୟ ପ୍ରାପ୍ତ ହୋଇଥିଲା। ଏହି ଶିବିର ଅଦାଲତରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଡିଏସପି ଅମୃତା ନନ୍ଦିନୀ ମହାନ୍ତି, ସଦର ଏସଡିପିଓ ନିର୍ମଳ ମହାପାତ୍ର, ସୁରକ୍ଷା ଅଧିକାରୀ ସୁଷମା ମିଶ୍ର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ବିଜେପିର ସାଙ୍ଗଠନିକ ଜିଲ୍ଲା ବୈଠକ:ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ସନ୍ଧ୍ୟାରେ ରଘୁନାଥପାଲ୍ଲୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ନିର୍ମଳ ମୁଣ୍ଡା ମଣ୍ଡଳର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ସେକ୍ଟର -୨୦ ସ୍ଥିତ, ବୈକୁଣ୍ଠ ଘାଟ ନିକଟସ୍ଥ ଶ୍ରୀ ଶ୍ରୀ ଧଳେଶ୍ୱର୍ ମନ୍ଦିର ପରିସରରେ ମଣ୍ଡଳ ସଭାନେତ୍ରୀ ରଞ୍ଜିତା କିସପଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିଥି ବୃନ୍ଦ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାମୂହିକ ବନ୍ଦେ ମାତରଂ ଗାନ ପରେ ବୈଠକ ଆରମ୍ଭ ହୋଇଥିଲା। ମଣ୍ଡଳ ସଭାନେତ୍ରୀ ତାଙ୍କ ସ୍ୱାଗତ ଭାଷଣରେ ବୈଠକର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିବା ସହିତ ସଂଗଠନକୁ ସକ୍ରିୟ ଓ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଥିଲେ। ମଞ୍ଚାସୀନ ମୁଖ୍ୟ ଅତିଥି ତଥା ପୂର୍ବତନ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ଜିଲ୍ଲା ମୁଖପାତ୍ର ତଥା ମୁଖ୍ୟବକ୍ତା ଗଙ୍ଗାଧର ଦାଶ , ଜିଲ୍ଲା ଉପସଭାପତି ସତ୍ୟ ପ୍ରିୟ ସାହୁ, ଜିଲ୍ଲା ସମ୍ପାଦକ ଅକ୍ଷୟ ଦାସ, ଜିଲ୍ଲା ସମ୍ପାଦିକା ନମ୍ରତା ବାଗ, ମଣ୍ଡଳ ପ୍ରଭାରୀ ଅଙ୍କିତ ବର୍ମା, ମଞ୍ଚାସିନ ନେତୃ ବୃନ୍ଦ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନାକୁ ଜନତାଙ୍କ ପାଖରେ ପହଞ୍ଚାଇବା ସହିତ ସଂଗଠନକୁ ସୁଦୃଢ଼ ଓ ସକ୍ରିୟ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ମଞ୍ଚ ପରିଚାଳନା ସନ୍ତୋଷ କୁମାର ତନ୍ତି କରିଥିବା ବେଳେ ମଣ୍ଡଳ ଉପସଭାପତି ବାଳକୃଷ୍ଣ ପାଣିଗ୍ରାହୀ, ଉପସ୍ଥିତ ଥିଲେ, ସଂଗ୍ରାମ ପ୍ରଧାନ, ସିଲା ପାତ୍ର, ମଣ୍ଡଳ ସାଧାରଣ ସମ୍ପାଦକ ଜଉରା ତିଗା, ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଚିନ୍ମୟୀ ବିଶ୍ୱାଳ, ସୁନିତା ମହାନ୍ତି, ଅନିତା ଦାସ, ମଞ୍ଜିତା ଟପ୍ପୋ ବୁଥ ସଭାପତି ଅରୁଣ ଜୟ ପୁରିଆ, ଦୁର୍ଯୋଧନ ପାତ୍ର, ଶକ୍ତି କେନ୍ଦ୍ର ପ୍ରମୁଖ, ସନ୍ତୋଷ କୁମ୍ଭାର, ବିମଳ ମିଞ୍ଜ ଯୁବମୋର୍ଚା ମଣ୍ଡଳ ସଭାପତି ବେଦ ଅଗ୍ରୱାଲ, ଜ୍ଞାନ ରଞ୍ଜନ ସାହୁ ଓ ବହୁ କର୍ମୀ ଉପସ୍ଥିତ ଥିଲେ।

# ହୋପ୍ସ ଟ୍ରଷ୍ଟ ପକ୍ଷରୁ ଆନନ୍ଦ ଭୋଜନ କାର୍ଯ୍ୟକ୍ରମ



**ବାରିପଦା , ନ୍ୟୁଜ୍ ବ୍ୟୁରୋ**

ସେବା ଓ ସହାନୁଭୂତିକୁ ପାଥେୟ କରି ଅସୁବିଧାରେ ଥିବା ଲୋକଙ୍କୁ ସହାୟତା ଓ ଆଶ୍ୱାସନା ଦେବାର ମହତ ଉଦ୍ଦେଶ୍ୟ ନେଇ ହୋପ୍ସ ଟ୍ରଷ୍ଟ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାରିପଦାଙ୍କଠାରେ ଆନନ୍ଦ ଭୋଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରୋଗୀଙ୍କ ସହଚର ଓ ପରିବାର ସଦସ୍ୟଙ୍କ ସମେତ ପାଞ୍ଚଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ନିଃଶୁଳ୍କ ଭୋଜନ ପ୍ରଦାନ କରାଯାଇଥିଲା। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭକରି ରୋଗୀଙ୍କ ସହିତ ସେମାନଙ୍କ ପରିବାର ଓ ସହଚରମାନଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେବା ଏକ ଉତ୍ତମ ସାମାଜିକ ପଦକ୍ଷେପ, ଯାହା ସମାଜରେ ସେବା ଓ ମାନବିକତାର ଭାବନାକୁ ସୁଦୃଢ଼ କରିବ ବୋଲି କହିଥିଲେ. ଅନ୍ୟ ମାନଙ୍କ ମଧ୍ୟରେ ରେଡକ୍ରସର ଆଜୀବନ ସଦସ୍ୟ ଅମର କୁମାର ସେଠୀ, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ଏହି କାର୍ଯ୍ୟକ୍ରମକୁ ଏକ ଅନୁକରଣୀୟ ସାମାଜିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। ହୋପ୍ସ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଜୟଶ୍ରୀ ଜେନା ରୋଗୀଙ୍କ ସହ ରହୁଥିବା ପରିବାର ସଦସ୍ୟ ଓ ସହଚରମାନେ ଅନେକ ସମୟରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତାକୁ ନେଇ ଅସୁବିଧାରେ ପଡ଼ିଥାନ୍ତି। ସେମାନଙ୍କ ଅସୁବିଧା ଲାଘବ କରିବା, ଦୁଃସମୟରେ ଖୁସି ବାଣ୍ଟିବା ଓ ଆଶ୍ୱାସନା ଦେବା ହେଉଛି 'ଆନନ୍ଦ ଭୋଜନ'ର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ହୋପ୍ସ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ଜେନାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ସୁବ୍ରତ ଜେନା, ଦୀପଙ୍କର ପରିଡ଼ାଙ୍କ ସମେତ ଇନ୍ଦିରା ପ୍ରିୟଦର୍ଶିନୀ, ସୁଦୀପ ପାତ୍ର, ଆଦିତ୍ୟ ଦେ, ଶିବଶଙ୍କର ଶର୍ମା, ବ୍ରଜ ସୁନ୍ଦର ପାଠୀ, ହିମାଂଶୁ ମାଇତି ଓ ସମୀର ଦିଗାର ପ୍ରମୁଖ ସହଯୋଗ କରିଥିଲେ।

# 'ସ୍ମୃତିରେ ପ୍ରଫୁଲ୍ଲ' ସ୍ମରଣିକା ଲୋକାର୍ପଣ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଜହ୍ନା ବଳଦେବଜୀଉ ମନ୍ଦିର ପରିସରରେ 'ସ୍ମୃତିରେ ପ୍ରଫୁଲ୍ଲ' ସ୍ମରଣିକା ଲୋକାର୍ପଣ ହୋଇଯାଇଛି। ବିଶିଷ୍ଟ ସମାଜସେବୀ, ଉଦ୍ୟୋଗପତି, ଆଧ୍ୟାତ୍ମିକ ବ୍ୟକ୍ତି ସ୍ୱର୍ଗତ ପ୍ରଫୁଲ୍ଲ କୁମାର ବୋଇତାଇ ଜଣେ ବ୍ୟକ୍ତି ନଥିଲେ ସେ ଥିଲେ ଏକ ଅନୁଷ୍ଠାନ। ଜହ୍ନା ଶ୍ରୀ ବଳଦେବାଜୀଉ ମନ୍ଦିରର ମୁଖ୍ୟ ପୁରୋଧା ତଥା ପ୍ରଧାନ ଟ୍ରଷ୍ଟି ଭାବେ ଦାୟିତ୍ୱ ତୁଲାଇଥିଲେ। ଚୋରଦା ଗ୍ରାମର ସ୍ୱର୍ଗତ ବୋଇତାଇ ଜଣେ ଧର୍ମା ଧର୍ମାନୁରାଗୀ, ଶିକ୍ଷା ସଂସ୍କାରକ, ବିଭିନ୍ନ ଧାର୍ମିକ, ଆଧ୍ୟାତ୍ମିକ, ସାମାଜିକ,ସାଂସ୍କୃତିକ ଏବଂ ଶିକ୍ଷା ସଙ୍ଗଠନର ଉଦ୍ୟୋକ୍ତା ଭାବେ ସେ ଯେଉଁ ପଦ ଚିହ୍ନ ଛାଡି ଯାଇଛନ୍ତି ତାହା ତାଙ୍କୁ ଚିରକାଳ ଅମର ରଖିବବୋଲି ଶ୍ରୀ ବଳଦେବଜୀଉ ଟ୍ରଷ୍ଟ ବୋର୍ଡ ତରଫରୁ ଜହ୍ନା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମଧୁସୂଦନ ନଗରର ଶିଶୁ ବିଦ୍ୟା ମନ୍ଦିରର ଅନ୍ୟତମ ପ୍ରତିଷ୍ଠାତା, ଶିକ୍ଷା ବିକାଶ ସମ୍ଭାଗର ସଙ୍କୁଳ ସଭାପତି,ଚୋରଦା ଗ୍ରାମ କମିଟିର ପୂର୍ବତନ ସଭାପତି , ରାଇସ ମିଲ ଦୁର୍ଗା ପୂଜା କମିଟିର ସଭାପତି, କାଳୀପୂଜା ଶାନ୍ତି କମିଟିର ଉପଦେଷ୍ଟା, କହ୍ନେଇପୁର ଶିବ ମନ୍ଦିର କମିଟିର



ସଭାପତି ଭାବେ କାର୍ଯ୍ୟ କରିଥିଲେ। ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଭ୍ୟ ଡକ୍ଟର ଚିନ୍ତାମଣି ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଶାର ବର୍ଷୀୟାନ ରାଜନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଯୋଗଦେଇ ସ୍ୱର୍ଗତ ବୋଇତାଇ କିଭଳି ଶିକ୍ଷାର ବିକାଶ ଓ ଜଗନ୍ନାଥ ସଂସ୍କୃତିର ସାଧକ ଥିଲେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟ ବୋର୍ଡର ସଭ୍ୟ ବିକ୍ରମ ବିଶ୍ୱାଳଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ଜିଲା ବ୍ୟାଙ୍କ ବାର ସଭାପତି ବିବେକାନନ୍ଦ ମହାନ୍ତି, କାହ୍ନୁଚରଣ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମୋହନ ଚରଣ ଖୁଣ୍ଟିଆ, ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ ଶିବ ଚରଣ ମାଝୀ, ଯାଜପୁର ଜିଲା ସରକାରୀ ଓକିଲ ଚନ୍ଦ୍ରଶେଖର ପଣ୍ଡା, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ସିପିଆଇ ନେତା ଆଲୋକ ମହାନ୍ତି, ବିଶିଷ୍ଟ ବ୍ୟବସାୟୀ ରିଷି ଅଗ୍ରୱାଲ, ସିପିଏମ ନେତା ପ୍ରଫୁଲ୍ଲ ନାୟକଙ୍କ ସମେତ ଟ୍ରଷ୍ଟ ବୋର୍ଡର ରାଜୀବ ଲୋଚନ ରାଉତ, ସଦାନନ୍ଦ ବେହେରା, କାମଦେବ ଦାସ, ସଞ୍ଜୟ ସାହୁ, ଭବାନୀ ଶଙ୍କର ପାଢ଼ୀ, ଅତନୁ ବିଶ୍ୱାଳ, ବିଦ୍ୟାଧର ସାହୁ, ନିରଞ୍ଜନ ନାୟକ, ସ୍ମୃତିରଞ୍ଜନ ପତ୍ରୀ, ଅମୀୟ ବିଶ୍ୱାଳଙ୍କ ସମେତ ଚାରଣ ଶାଖା, ଶ୍ରୀ ଜଗନ୍ନାଥ ସେନା ଓ ସମସ୍ତ ଗ୍ରାମବାସୀ ଯୋଗଦେଇ ସ୍ୱର୍ଗତ ବୋଇତାଇଙ୍କ ସ୍ମୃତିଚାରଣ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଏହି ଅବସରରେ ବ୍ୟଙ୍ଗକବି ବାଇଧର ମାଝିଙ୍କ ପରିଚାଳନାରେ ସ୍ମରଣିକା 'ସ୍ମୃତିରେ ପ୍ରଫୁଲ୍ଲ' ଅତିଥି ମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଶ୍ରୀ ବଳଦେବଜୀଉ ଟ୍ରଷ୍ଟ ବୋର୍ଡର ପ୍ରଧାନ ଟ୍ରଷ୍ଟି ତଥା ପୁତ୍ର ଅଭିଳାଷ ବୋଇତାଇ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଆଦିପୀଠରେ ଦୁର୍ଗାପୂଜାର ସାର୍ବଜନୀନ ଐତିହାସିକ ଯାତ୍ରା ସମ୍ପନ୍ନ

**କଟକ, ନ୍ୟୁଜ୍ ବ୍ୟୁରୋ**

ଶାରଦୀୟ ଦୁର୍ଗାପୂଜାକୁ ନେଇ ଉତ୍ସବମୁଖର ହୋଇଉଠିଥିଲା କଟକ ସହର। ଆଲୋକ ମାଳାରେ ଝଲସୁଥିଲା ରାସ୍ତାଘାଟ, ସୁସଜ୍ଜିତ ତୋରଣ ଓ ଆକର୍ଷଣୀୟ ମେଢ଼ ଟାଣିଥିଲା ଶ୍ରଦ୍ଧାଳୁଙ୍କୁ। କିନ୍ତୁ ଏହି ଉତ୍ସବର ଚାକଚକ୍ୟ ଭିତରେ ଲୁଚି ରହିଛି ଏକ ଦୀର୍ଘ ଐତିହାସିକ ପରମ୍ପରା, ଯାହା କଟକର ସାଂସ୍କୃତିକ ପରିଚୟକୁ ଆଜି ମଧ୍ୟ ସମୃଦ୍ଧ କରୁଛି। ସହରର ଦୁର୍ଗାପୂଜା ଇତିହାସ ସହ ଗଭୀର ଭାବେ ଜଡ଼ିତ ବାଲୁବଜାରର ବିନୋଦବିହାରୀ ପୂଜା ମଣ୍ଡପ ଏହି ପରମ୍ପରାର ଏକ ପ୍ରମୁଖ ପ୍ରତୀକ। ଘଟ ପୂଜାରୁ ଆରମ୍ଭ କରି ମୂର୍ତ୍ତି ପୂଜା ଏବଂ ପରବର୍ତ୍ତୀ ସମୟରେ ସାର୍ବଜନୀନ ଦୁର୍ଗାପୂଜାର ପ୍ରସାର ପର୍ଯ୍ୟନ୍ତ ଏହି ପୀଠକୁ ନେଇ ଅନେକ ଐତିହାସିକ ତଥ୍ୟ ଓ ଲୋକକଥା ପ୍ରଚଳିତ ରହିଛି। କଟକର ଦୁର୍ଗାପୂଜା କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ପିଢ଼ି ପରେ ପିଢ଼ି ଧରି ଚାଲିଆସୁଥିବା ଆସ୍ଥା, ସାମାଜିକ ଏକତା ଓ ପାରମ୍ପରିକ କଳାର ଏକ ଅନନ୍ୟ ସମାହାର। ଚଳିତ ବର୍ଷ ସହରର ୧୭୨ଟି ପୂଜା ମଣ୍ଡପରେ ମାଆ ଦୁର୍ଗାଙ୍କ ଆରାଧନା କରାଯାଉଥିବା ବେଳେ ବାଲୁବଜାରର ବିନୋଦବିହାରୀ ମଣ୍ଡପ ନିଜର ପ୍ରାଚୀନ ପରମ୍ପରା ଓ ସ୍ୱତନ୍ତ୍ର ପୂଜାବିଧି ପାଇଁ ଏକ ଭିନ୍ନ ପରିଚୟ ବହନ କରୁଛି। ପ୍ରଚଳିତ ଲୋକକଥା ଅନୁଯାୟୀ, ୧୫୦୯ ମସିହାରେ ଶ୍ରୀଚୈତନ୍ୟ ମହାପ୍ରଭୁ କଟକ ଆସିଥିବା ସମୟରେ ବାଲୁବଜାରସ୍ଥିତ ଏହି ପୀଠରେ ଅବସ୍ଥାନ କରିଥିଲେ। ସେହି ସମୟରେ ଶାରଦୀୟ ଦୁର୍ଗାପୂଜା ଅବସରରେ ମାଆଙ୍କ ଘଟ ପୂଜା କରାଯାଇଥିବା ନେଇ ଜନଶ୍ରୁତି ରହିଛି।ଏହି ପରମ୍ପରାକୁ ଆଧାର କରି ପରବର୍ତ୍ତୀ ସମୟରେ ଘଟ ପୂଜାରୁ ମୃଣ୍ମୟୀ ପ୍ରତିମାଙ୍କ ଆରାଧନା ଏବଂ ସେଠାରୁ ସାର୍ବଜନୀନ ଦୁର୍ଗାପୂଜାର ଧାରା ବିକଶିତ ହୋଇଥିବା କୁହାଯାଏ। ୧୫୮୨ ମସିହାରେ ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ ହୋଇଥିବା ନେଇ ମଧ୍ୟ ଏକ ପ୍ରଚଳିତ ମତ ରହିଛି। ଏହି ପରମ୍ପରା ସହ ବଙ୍ଗଳାରୁ ଆସିଥିବା ବାନାର୍ଜୀ ପରିବାରର ନାମ ମଧ୍ୟ ଜଡ଼ିତ। ଲୋକକଥା ଅନୁସାରେ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସହ ଜଡ଼ିତ ପୂଜା ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ ଏହି ପରିବାରର ସଦସ୍ୟମାନେ ଏଠାରେ ରହିଥିଲେ।ସେମାନଙ୍କ ପରବର୍ତ୍ତୀ ପିଢ଼ିର ପୂଜକମାନେ ପାରମ୍ପରିକ ରୀତିନୀତି ଅନୁଯାୟୀ ମାଆଙ୍କ ପୂଜାର୍ଚ୍ଚନା ଓ ମୂର୍ତ୍ତି ନିର୍ମାଣ ପରମ୍ପରାକୁ ଆଗେଇ ନେଇଆସିଥିବା କୁହାଯାଏ। ଏହି କାରଣରୁ ମଣ୍ଡପର ପୂଜାବିଧି ଓ ପ୍ରତିମାରେ ପୁରୁଣା କଳା ଏବଂ ଧାର୍ମିକ ପରମ୍ପରାର ପ୍ରଭାବ ଦେଖିବାକୁ ମିଳେ। ବାଲୁବଜାର ପୂଜା ମଣ୍ଡପର ଅନ୍ୟତମ ପ୍ରମୁଖ ଆକର୍ଷଣ ହେଉଛି ଏହାର ରୁପା ମେଢ଼। ପାରମ୍ପରିକ ଶୈଳୀରେ ସଜ୍ଜିତ ମେଢ଼ ମାଆଙ୍କ ଆସ୍ଥାନକୁ ଏକ ସ୍ୱତନ୍ତ୍ର ଆଭା ପ୍ରଦାନ କରେ। ଆଧୁନିକ ସାଜସଜ୍ଜା ଓ ନୂଆ ନୂଆ କଳାକୌଶଳର ପ୍ରତିଯୋଗିତା ମଧ୍ୟରେ ଏହି ମଣ୍ଡପ ନିଜର ପାରମ୍ପରିକ ସ୍ୱରୂପ ଓ ପୂଜାବିଧିକୁ ଗୁରୁତ୍ୱ ଦେଇଆସୁଛି। ଏହା ଏହି ପୀଠର ଐତିହାସିକ ମହତ୍ତ୍ୱକୁ ଆହୁରି ବଢ଼ାଇଛି।କଟକର ଅନ୍ୟାନ୍ୟ ପୂଜା ମଣ୍ଡପଗୁଡ଼ିକ ନିଜ ନିଜର ସ୍ୱତନ୍ତ୍ରତା ପାଇଁ ପରିଚିତ ହୋଇଥିବା ବେଳେ ବାଲୁବଜାର ମଣ୍ଡପକୁ ଦୁର୍ଗାପୂଜା ପରମ୍ପରାର 'ବଡ଼ ଭଉଣୀ' ଭାବେ ସମ୍ମାନ ଦିଆଯାଏ। ଏହି ସମ୍ମାନ କେବଳ ଏକ ନାମ ନୁହେଁ; ଏହା ସହରର ପୁରୁଣା ପୂଜା ପରମ୍ପରା ପ୍ରତି ଥିବା ଶ୍ରଦ୍ଧା ଓ ସାଂସ୍କୃତିକ ସମ୍ମାନର ପ୍ରତିଫଳନ। ମଣ୍ଡପର ଐତିହାସିକ ଗୁରୁତ୍ୱ ଓ ପାରମ୍ପରିକ ପୂଜାପଦ୍ଧତି ଆଜି ମଧ୍ୟ ଭକ୍ତମାନଙ୍କୁ ଏହା ସହ ଯୋଡ଼ି ରଖିଛି। ସମୟ ସହିତ କଟକର ଦୁର୍ଗାପୂଜାର ପରିସର ବଢ଼ିଛି, ମଣ୍ଡପ ସଂଖ୍ୟା ବୃଦ୍ଧି ପାଇଛି ଏବଂ ସାଜସଜ୍ଜାରେ ଆସିଛି ଅନେକ ପରିବର୍ତ୍ତନ। ତଥାପି ପୂଜାର ମୂଳ ଭାବନା, ମାଆଙ୍କ ପ୍ରତି ଭକ୍ତି ଓ ପରମ୍ପରା ପ୍ରତି ସମ୍ମାନ ଅକ୍ଷୁଣ୍ଣ ରହିଛି।ବାଲୁବଜାରର ବିନୋଦବିହାରୀ ପୂଜା ମଣ୍ଡପ ଏହି ଅବିଚ୍ଛିନ୍ନ ପରମ୍ପରାର ଏକ ଜୀବନ୍ତ ପ୍ରତୀକ ଭାବେ ଆଜି ମଧ୍ୟ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। କଟକର ଦଶହରାର ଗୌରବ କେବଳ ଆଲୋକସଜ୍ଜା, ଆକର୍ଷଣୀୟ ତୋରଣ କିମ୍ବା ରୁପା ମେଢ଼ରେ ସୀମିତ ନୁହେଁ।ଏହାର ପ୍ରକୃତ ମହତ୍ତ୍ୱ ରହିଛି ଏହାର ଐତିହ୍ୟ, ଲୋକବିଶ୍ୱାସ, ପରମ୍ପରା ଓ ସାମୂହିକ ଆସ୍ଥାରେ। ସେହି ଦୃଷ୍ଟିରୁ ବାଲୁବଜାରର ଏହି ପୂଜା ମଣ୍ଡପ କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ, ବରଂ କଟକର ଦୀର୍ଘ ସାଂସ୍କୃତିକ ଯାତ୍ରାର ଏକ ସ୍ମାରକ। ପୁରୁଣା ପରମ୍ପରାକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବା ସହ ଏହା ସହରର ଦଶହରା ଐତିହ୍ୟକୁ ଆଗାମୀ ଦିନରେ ମଧ୍ୟ ଜୀବନ୍ତ ରଖିବାର ବାର୍ତ୍ତା ଦେଉଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଅକ୍ଟୋବର, ୨୦୨୬ ଶନିବାର





# କେନାଲରେ ପାଣି ଆସୁନି:ଶତାଧିକ ଏକର ଧାନ ଫସଲ ନଷ୍ଟ ଆଶଙ୍କା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୨୧ ନମ୍ବର କାଡା କେନାଲ୍‌ରେ ପାଣି ନଆସିବାରୁ କେନାଲ୍ କୂଳରେ ଥିବା ଶହେ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ଏନେଇ ଗୁରୁବାର ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଚାଷ ଜମିରେ ଜଳ ଯୋଗାଇ ଦେବାପାଇଁ ଦାବି କରିଛନ୍ତି। ଦାବି ମୁତାବକ ଓସ୍ତପୁର ପଞ୍ଚାୟତ ସାରଙ୍ଗ ଗ୍ରାମର ଶତାଧିକ ଚାଷୀଙ୍କ ଜମି କେନାଲ୍ କୂଳରେ ଅବସ୍ଥିତ। ମାତ୍ର ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ମାଟି ପକାଇ ଦେଇଥିବାରୁ ତାଙ୍କ ଚାଷ ଜମିକୁ ଜଳ ଯାଉପାରୁନାହିଁ। ଫଳରେ ଶହେ ଏକରରୁ ଉର୍ଦ୍ଧ୍ୱ ଜମି ମରୁଡିରେ ପରିଣତ ହେବାର ଆଶଙ୍କା ରହିଛି। ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜଣାଇବା ପରେ ଅଧିକ୍ଷଣ ଯନ୍ତ୍ରୀ ତୁରନ୍ତ ସେଠାରେ ପହଞ୍ଚି ଚାଷ ଜମିକୁ ଜଳ ଦେବା ପାଇଁ ବ୍ୟବସ୍ଥା କରିଥିବା ଜଣାପଡିଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭୋଳଙ୍କ ନେତୃତ୍ୱରେ ବିବେକାନନ୍ଦ ଖଟୁଆ, ମହନୀ ରାଉତ, ଦୁଃଶାସନ ଖଟୁଆ, ସୁଖଦ ରାଉତ, ଦାମୋଦର ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ସୁବର୍ଣ୍ଣଗ୍ରାହୀଙ୍କ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ କରାଯାଉ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ତେଲିବନ୍ଧ ଗ୍ରାମରେ ବୌଦ୍ଧ ଶୌଣ୍ଡିକ ସମାଜ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଭୋଲାଗିରି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସମାଜର ଇଷ୍ଟଦେବତା ସୁବର୍ଣ୍ଣଗ୍ରାହୀଙ୍କ ଅଧାପନ୍ତରିଆ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଏବଂ ସମାଜରେ ଏକତା ଓ ଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମାଜର ଇଷ୍ଟଦେବତା ସୁବର୍ଣ୍ଣଗ୍ରାହୀଙ୍କ ମନ୍ଦିର ନିର୍ମାଣ ଅଧାରେ ଅଟକି ରହିଥିବାରୁ ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଦିଗରେ ସମାଜର ସମସ୍ତ ସଦସ୍ୟଙ୍କ ସହଯୋଗ ଓ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ସଭାରେ ଆଲୋଚନା ହୋଇଥିଲା। ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସମାଜର ଧାର୍ମିକ ଭାବନା ଓ ସାଂଗଠନିକ ଏକତା ଅଧିକ ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ସହ ସମାଜର ଇଷ୍ଟଦେବତା ସୁବର୍ଣ୍ଣଗ୍ରାହୀଙ୍କ ପୂଜା କରାଯାଇଥିଲା। ଗୋବର୍ଦ୍ଧନ ସାହୁ କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ହରିହର ସାହୁ, ପରମାନନ୍ଦ ସାହୁ ଓ ନିର୍ମଳ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଓ ହରଭଙ୍ଗା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଜନପ୍ରତିନିଧି ଓ ଶୌଣ୍ଡିକ ସମାଜର ସଦସ୍ୟମାନେ ଯୋଗଦେଇଥିଲେ। ସମାଜର ବିକାଶ ସହ ମନ୍ଦିର ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ଏବଂ ସମାଜରେ ଏକତା, ଭାଇଚାରା ଓ ଶୃଙ୍ଖଳା ରକ୍ଷା କରିବା ନେଇ ସଭାରେ ଆଲୋଚନା କରାଯାଇଥିଲା।

### ////// ବାଲିଯାତ୍ରା ପଡ଼ିଆ ଛାତ୍ର ହତ୍ୟାର ପର୍ଦ୍ଦାଫାସ୍ //////

# ହତ୍ୟାକାରୀ ଦୁଇ ନାବାଳକ ଗିରଫ:ଛୁରୀ ଓ ସ୍କୁଟି ଜବତ

**କଟକ, ନ୍ୟୁଜ୍ ବ୍ୟୁରୋ**

ପ୍ରେମ ସମ୍ପର୍କକୁ ନେଇ ବିବାଦରୁ ଦଶମ ଶ୍ରେଣୀ ଛାତ୍ର ସୁମନ୍ତ ସାହୁଙ୍କୁ ହତ୍ୟା କରାଯାଇଥିବା ଘଟଣାର ପର୍ଦ୍ଦାଫାସ୍ କରିଛି କଟକ କ୍ୟାଣ୍ଟନ୍‌ମେଣ୍ଟ ଥାନା ପୋଲିସ। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦୁଇ ନାବାଳକ ଛାତ୍ରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ହତ୍ୟାରେ ବ୍ୟବହୃତ ଛୁରି, ସ୍କୁଟି ଓ ଅନ୍ୟାନ୍ୟ ପ୍ରମାଣ ଜବତ କରାଯାଇଛି। ତଦନ୍ତରୁ ଏହି ହତ୍ୟାକାଣ୍ଡ ପଛରେ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ରହିଥିବା ପୁରୁଣା ବିବାଦ ମୁଖ୍ୟ କାରଣ ବୋଲି ପୋଲିସ ସନ୍ଦେହ କରୁଛି। ମୃତ ସୁମନ୍ତ କଟକର ରାଜାବଗିଚା ଅନ୍ତର୍ଗତ ବଢ଼େଇ ସାହିରେ ଭଡ଼ାଘରେ ରହୁଥିଲେ। ଘଟଣା ଦିନ ଦୁଇ ନାବାଳକ ଏକ ସ୍କୁଟିରେ ତାଙ୍କ ଘର ନିକଟକୁ ଯାଇ ସୁମନ୍ତଙ୍କୁ ସାଙ୍ଗରେ ନେଇଥିଲେ। ଗଡ଼ଗଡ଼ିଆ ମନ୍ଦିର ନିକଟରେ ଚା' ପିଇବା ପରେ ସେମାନେ ବାଲିଯାତ୍ରା ତଳପଡ଼ିଆ ନିକଟ ମହାନଦୀ କୂଳକୁ ଯାଇଥିଲେ। ସେଠାରେ ପୂର୍ବ ବିବାଦକୁ ନେଇ ଯୁକ୍ତିତର୍କ ହେବା ପରେ ଜଣେ ନାବାଳକ ସୁମନ୍ତଙ୍କ ବେକରେ ଛୁରିରେ ଆଘାତ କରିଥିବା ପୋଲିସ କହିଛି। ଏହି ଆକ୍ରମଣରେ ସୁମନ୍ତଙ୍କ ମୃତ୍ୟୁ ହୋଇଥିଲା। ପୋଲିସର ପ୍ରାଥମିକ ତଦନ୍ତ ଅନୁସାରେ, ଜଣେ ନାବାଳିକାଙ୍କ ସହ ସମ୍ପର୍କକୁ ନେଇ ସୁମନ୍ତ ଓ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ବିବାଦ ହୋଇଥିଲା। ଏହି ଘଟଣାକୁ ନେଇ ଅଭିଯୁକ୍ତଙ୍କ ମନରେ ରାଗ ରହିଥିବା ପୋଲିସ ସନ୍ଦେହ କରୁଛି। ହତ୍ୟା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ସୁମନ୍ତଙ୍କ ମୋବାଇଲ୍ ଫୋନ୍ ଭାଙ୍ଗି କାଜିବଜାର ଅଞ୍ଚଳର ଏକ ମନ୍ଦିର ନିକଟ ନାଳରେ ଫିଙ୍ଗି ଦିଆଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ପୋଲିସ ଏହାକୁ ଉଦ୍ଧାର କରିଛି। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ନିଜ ମୋବାଇଲ୍ ଫୋନ୍ ଭାଙ୍ଗି କେ-ଏମ୍-ସିର ଅଳିଆ ସଂଗ୍ରହ ଗାଡ଼ିରେ ଫିଙ୍ଗିଥିବା ସୂଚନା ମିଳିଛି। ଗିରଫ ଦୁଇ ନାବାଳକଙ୍କ ମଧ୍ୟରୁ ଜଣେ ଡିପ୍ଲୋମା ପ୍ରଥମ ବର୍ଷର ଛାତ୍ର ହୋଇଥିବା ବେଳେ ଅନ୍ୟଜଣେ ଯୁକ୍ତଦୁଇ ବାଣିଜ୍ୟ ପ୍ରଥମ ବର୍ଷରେ ପଢୁଛନ୍ତି। ଉଭୟଙ୍କୁ ଆଇନଗତ ପ୍ରକ୍ରିୟା ପରେ ଅନୁଗୁଳ ସ୍ଥିତ ବାଳ ସ୍ୱଧାର ଗୃହକୁ ପଠାଯାଇଛି। ଘଟଣାରେ ଅନ୍ୟାନ୍ୟ ଦିଗକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।

# ଡିସେମ୍ବର ୧୭ରୁ ଜମିବ ପଡ଼ା ମହାଲକ୍ଷ୍ମୀ ପୂଜା ମହୋତ୍ସବ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ବିଜେପୁର ଅନ୍ତର୍ଗତ ପଡ଼ା ଗ୍ରାମରେ ଆଗାମୀ ୩୧ତମ ସାର୍ବଜନୀନ ମହାଲକ୍ଷ୍ମୀ ପୂଜା ମହୋତ୍ସବକୁ ଭବ୍ୟ ଓ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ମହୋତ୍ସବର ତାରିଖ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ସଭାପତି ସରୋଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଡିସେମ୍ବର ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ମହାଲକ୍ଷ୍ମୀ ପୂଜା ମହୋତ୍ସବ ଆୟୋଜନ କରାଯିବ ବୋଲି ଘୋଷଣା କରାଯାଇଛି। ବୈଠକରେ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ଓ ଆୟୋଜନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ମା' ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ସହ ଲୋକ ମହୋତ୍ସବ, ସାଗର ମନ୍ଥନ, ଲକ୍ଷ୍ମୀଲୀଳା, ଅପେରା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁନ୍ଦର ଓ ଆକର୍ଷଣୀୟ ଢଙ୍ଗରେ ଆୟୋଜନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା, ଭକ୍ତ ଓ ଦର୍ଶକଙ୍କ ସୁବିଧା ସୁନିଶ୍ଚିତ କରିବା ଏବଂ ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଆବଶ୍ୟକ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷର ମହୋତ୍ସବକୁ ଅଧିକ ଆକର୍ଷଣୀୟ ଓ ସଫଳ କରିବା ପାଇଁ କମିଟିର ସମସ୍ତ ସଦସ୍ୟ ସହଯୋଗର ସହ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା। ବୈଠକରେ କମିଟିର ସମ୍ପାଦକ ସୁନୀଲ ତ୍ରିପାଠୀଙ୍କ ସମେତ ଶାନ୍ତନୁ କୁମାର ମିଶ୍ର, ସନ୍ତୋଷ ମେହେର, ଗୋପବନ୍ଧୁ ମେହେର, ହେମନ୍ତ ମେହେର, ବାଳକୃଷ୍ଣ ପଧାନ, ନେତ୍ରାନନ୍ଦ ମେହେର, ଉମାକାନ୍ତ ଭୋଇ, ସୁମନ୍ତ କୁମାର ପଧାନ, ଉମେଶ ମେହେର, ଆନନ୍ଦ ବାରିକ, ଦେବାଶିଷ ଦାଶ, ପ୍ରଦୀପ ମେହେର, ସୁବ୍ରତ ମିଶ୍ର, ବିଜୟ ପଧାନ, ସୁଶାନ୍ତ ମେହେର, ଘନଶ୍ୟାମ ମେହେର, ଟୁନା ମେହେର, ରାଜୁ ମେହେର, ଗିରିଶ ପଧାନ, ବିଜୟ ମେହେର, ସୁଜିତ ପଧାନ, ବିକାଶ ପଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ରାବଣ ପୋଡ଼ି ମହୋତ୍ସବ

# ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ପରାମର୍ଶ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଠାରେ ଶ୍ରୀରାମ କ୍ଲବ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗରେ ରାବଣ ପୋଡି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଶ୍ରୀ ରାମ କ୍ଲବ ସମ୍ପାଦକ ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଧାୟକ-ତଥା-ଅଧ୍ୟକ୍ଷ, ଜିଲ୍ଲା ଯୋଜନା ବୋର୍ଡ, ଜଗତସିଂହପୁର ଅମରେନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ ନିଶା ସେବନ ଓ ମୋବାଇଲ ବ୍ୟବହାର ଠାରୁ ଯୁବସମାଜ ଦୂରେଇ ରହିବା ପାଇଁ ନିବେଦନ କରିବା ସହ ଭସାଣି କାର୍ଯ୍ୟକ୍ରମରେ ନିଶା ସେବନ ନକରିବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଦୁର୍ନୀତିକୁ ବିରୋଧ କରି ସ୍ୱର ଉତ୍ତୋଳନ କରିବା ପାଇଁ ସମସ୍ତଙ୍କୁ ଉପଦେଶ ଦେଇଥିଲେ । ବିଧାୟକ ଶ୍ରୀ ଦାସ ଶେଷରେ ରାବଣ ଦେହରେ ବୈଦ୍ୟୁତିକ ଅଗ୍ନି ସଂଯୋଗ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଥାନପତି ମେଢ଼ର ସଭାପତି ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଶ୍ରୀରାମ କ୍ଲବର ସଭାପତି ରତ୍ନାକର ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ରାମଲୀଳା ପ୍ରଦର୍ଶିତ ହୋଇଥିଲା । ଏଥିରେ ରାବଣ ଜଟାୟୁ ଯୁଦ୍ଧ, ସୀତା ହରଣ, ରାମ ରାବଣ ଯୁଦ୍ଧ ଓ ରାବଣ ବଧ ବେଶ୍ ଆକର୍ଷଣୀୟ ହୋଇଥିଲା। କାର୍ଯ୍ୟକ୍ରମରେ ଆକର୍ଷଣୀୟ ବୈଦ୍ୟୁତିକ ଆତସ ବାଜି ପ୍ରଦର୍ଶନ କରାଯାଇଥିଲା। ଶେଷରେ ଶ୍ରୀରାମ କ୍ଲବ୍‌ର କାର୍ଯ୍ୟକର୍ତ୍ତା ସୁଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆରକ୍ଷୀ ବାହିନୀ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

### — ପାରାଦୀପ-ସିଲିଗୁଡ଼ି ଗ୍ୟାସ୍ ପାଇପ୍ ଲାଇନ୍ ବିଛେଇବା ମାମଲା —

# କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପାରାଦୀପ-ସିଲିଗୁଡି ଗ୍ୟାସ୍ ପାଇପ୍ ଲାଇନ୍ ବିଛେଇବା ମାମଲାରେ ଯାଇଥିବା ଚାଷୀମାନଙ୍କର ଚାଷ ଜମି ବାବଦକୁ କ୍ଷତିପୂରଣ ବାବଦ ଅର୍ଥ ଏପର୍ଯ୍ୟନ୍ତ ମିଳିନାହିଁ। ବାରମ୍ବାର ଚାଷୀଙ୍କୁ ଜିଲ୍ଲା ପ୍ରଶାସନ ଡକାଇ ସମୟ ପରେ ସମୟ ନେବା ଦ୍ୱାରା ଚାଷୀମାନେ ସେମାନଙ୍କର ଅର୍ଥ ନପାଇ ନିରାଶ ହୋଇ ଫେରୁଛନ୍ତି। କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲ୍ ଅନ୍ତର୍ଗତ ଦଧିପୁର, ବରକନ୍ଦା, ଛେଳାକଣି, ଗୋଜବନ୍ଧ, କୁମାରପଡା ପ୍ରଭୃତି ତେନ୍ତୁଳିକନ୍ଦା ଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ଚାଷଜମି ଉପରେ ନିମାଲିଗଡ ରିଫେନାରୀ ପାରାଦୀପ କମ୍ପାନୀର ପାଇପ୍ ବିଛାଇବା ମାମଲା କାର୍ଯ୍ୟକୁ ସ୍ଥାନୀୟ ହଜାର ହଜାର ଚାଷୀ ବିରୋଧ କରିଆସୁଛନ୍ତି। ଏହି ମାମଲାକୁ ସମାଧାନ କରିବା ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଜିଲ୍ଲାପ୍ରଶାସନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକ, ମହାକାଳପଡାର ଅତିରିକ୍ତ ତହସିଲଦାର ଓ କମ୍ପାନୀର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କ୍ଷତିଗ୍ରସ୍ତ ଚାଷୀଙ୍କ ପ୍ରତିନିଧି ମଣ୍ଡଳଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ କ୍ଷତିଗ୍ରସ୍ତ ଚାଷୀମାନେ କ୍ଷତିପୂରଣ ବାବଦ ଡିସିମିଲ୍ ପ୍ରତି ୮୦ ହଜାର ଟଙ୍କା, ଚାଷୀଙ୍କର ଯେଉଁ ଜମି ଏନ୍.ଆର୍.ଏଲ୍ କମ୍ପାନୀକୁ ଯିବ ତାଙ୍କ ପରିବାର ଜଣେ ସଦସ୍ୟଙ୍କୁ କମ୍ପାନୀରେ ଚାକିରି, ଏନ୍.ଆର୍.ଏଲ୍ କମ୍ପାନୀର ଗ୍ୟାସ୍ ପାଇପ୍ ଚାଷ ଜମି ମଝିରେ ନନେଇ ହିଡ ପାଖରେ ନେବାକୁ ଉକ୍ତ ବୈଠକରେ ଚାଷୀମାନେ ଦାବି କରିଛନ୍ତି। କିନ୍ତୁ ଆଲୋଚନାରେ ଅଂଶ ଗ୍ରହଣ କରିଥିବା କମ୍ପାନୀର ଅଧିକାରୀ ପୁନର୍ବାର ପୁଣି ସମୟ ମାଗିବାରୁ ଏହି ବୈଠକରେ ଆଲୋଚନା ହୋଇନପାରି ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏହି ଆଲୋଚନା ସମୟରେ ନୁମାଇଲ୍ ଗଡ କୃଷକ ଏକତା ମଞ୍ଚ ସଭାପତି ଶଶୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅଙ୍କୁର ପଲ୍ଲାଇ, ପ୍ରକାଶ ରାଉତ, ରାମଚନ୍ଦ୍ର ରାଉତ, ମେହେକେତନ ରାଉତ, ଦୈତାରୀ ରାଉଳ, ସୁଜନ ପ୍ରଧାନ, କସ୍ତୁରି ଚରଣ ରାଉତ, ପ୍ରଫୁଲ୍ଲ ରାଉତ, ବିକାଶ ସେଠୀ, ସନ୍ତୋଷ ରାଉତ, ଦୀପକ ରାଉତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।





# 'ଶତଦ୍ରୁ' ପକ୍ଷରୁ ବିଜୟା ଆସର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଅନ୍ୟତମ ସମ୍ଭ୍ରାନ୍ତ ପତ୍ରିକା 'ଶତଦ୍ରୁ' ପକ୍ଷରୁ ବିଜୟା ମିଳନ ମହା ସମାରୋହରେ ଶତଦ୍ରୁ ସାହିତ୍ୟ ସଂସଦର ସଭାପତି ବରିଷ୍ଠ ପ୍ରଶାସକ ଓ କବି ଦେବେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଉତ୍ସବରେ ଶତଦ୍ରୁର ଶାରଦୀୟ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ବରିଷ୍ଠ ପ୍ରଶାସକ ଓ କବି ରବି ନାରାୟଣ ସେନାପତି ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଶାସକ ସାହିତ୍ୟିକ ବନବିହାରୀ ନାୟକ, ସମ୍ମାନିତ ଅତିଥି ଏବଂ ବରିଷ୍ଠ ସାମ୍ବାଦିକ ଓ କବି ଶ୍ରୀରାମ ଦାସ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ୪୨ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ପ୍ରକାଶିତ ଶତଦ୍ରୁର ସମ୍ପାଦକ କବି ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଏକନିଷ୍ଠତା ଓ ସାହିତ୍ୟ ସେବାକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସାହିତ୍ୟିକ ଦିବାକର ମାନସିଂହ, ମନୋଜ କୁମାର ଜେନା, ଡ. ଉଦ୍ଧବ ଚରଣ ନାୟକ, ପରେଶ ପଟ୍ଟନାୟକ, ଡ. ମିହିର କୁମାର ରାୟ, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ଡ. ବିରଞ୍ଚି କୁମାର ସାହୁ ପ୍ରମୁଖ ଓଡ଼ିଆ ପତ୍ରପତ୍ରିକା ମଧ୍ୟରେ ଶତଦ୍ରୁର ମହାନତା ଓ ସମ୍ଭ୍ରାନ୍ତ ପଣ ସମ୍ପର୍କରେ ଆଲୋଚନା କରିଥିଲେ। 'ଶତଦ୍ରୁ'ର ମୁଖ୍ୟ ସମ୍ପାଦକ ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡା. ସତ୍ୟରଞ୍ଜନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବଶ୍ରୀ ମଧୁସ୍ମିତା ନାୟକ, ଦୀପା ନାୟକ, କୁବେର ରାଉତ ଓ କିଶୋରୀମଣି ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ଶୈଳଶ୍ରୀ ପ୍ୟାଲେସ୍‌ରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ

# ପାଟଣା ରାଜ୍ୟର ପ୍ରାଚୀନ ପରମ୍ପରାକୁ ଉଜ୍ଜୀବିତ ରଖିଛି ରାଜପରିବାର

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ସହର ସ୍ଥିତ ଶୈଳଶ୍ରୀ ପ୍ୟାଲେସ୍ ପରିସରରେ ପବିତ୍ର ବିଜୟା ଦଶମୀ ଅବସରରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ ଆୟୋଜିତ ହୋଇଯାଇଛି। ପାଟଣା ରାଜ୍ୟ ଅମଳରୁ ପ୍ରଚଳିତ ଏହି ପାରମ୍ପରିକ ଉତ୍ସବ ଆଜି ମଧ୍ୟ ବଲାଙ୍ଗିରର ଐତିହ୍ୟ, ସଂସ୍କୃତି ଓ ଧାର୍ମିକ ପରମ୍ପରାର ଏକ ଅନନ୍ୟ ପରିଚୟ ହୋଇ ରହିଛି। ଶୈଳଶ୍ରୀ ପ୍ୟାଲେସ୍‌ରେ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ, ମା' ଦଶମତୀ ଓ ପାଟଖଣ୍ଡା ଦେବୀଙ୍କୁ ରାଜପରିବାରର କୁଳଦେବୀ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ଦଶହରା ଅବସରରେ ରାଜପରିବାର ପକ୍ଷରୁ ବିଭିନ୍ନ ଶୁଭ କାର୍ଯ୍ୟର ଶୁଭାରମ୍ଭ କରିବାର ପରମ୍ପରା ମଧ୍ୟ ରହିଛି। ପୂର୍ବରୁ ବଲାଙ୍ଗିର ସହରର ସୁଦପଡ଼ା ଓ ତୁଳସୀନଗର ଅଞ୍ଚଳରେ ଲାଖବିନ୍ଧା ଉତ୍ସବ ଆୟୋଜିତ ହେଉଥିଲା। ଶୈଳଶ୍ରୀ ପ୍ୟାଲେସ୍‌ରୁ ଛତ୍ର, ବୈରଗ ଓ ପାରମ୍ପରିକ ପଟୁଆର ସହିତ ପାଟଖଣ୍ଡାଙ୍କୁ ନିଆଯାଇ ଏହି ଉତ୍ସବ ପାଳନ କରାଯାଉଥିଲା। କାଳକ୍ରମେ ଏହି ପରମ୍ପରାରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଶୈଳଶ୍ରୀ ପ୍ୟାଲେସ୍‌ରେ ଏହାକୁ ଜୀବନ୍ତ ରଖିବାର ପ୍ରୟାସ ଜାରି ରହିଛି। ଚଳିତ ବର୍ଷ ମଧ୍ୟ ପାଟଖଣ୍ଡାଙ୍କୁ ମନ୍ଦିରରୁ ବାହାର କରାଯାଇ ନୀଳକଣ୍ଠ ମହାଦେବ ମନ୍ଦିରକୁ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ପାରମ୍ପରିକ ରୀତିନୀତି ଅନୁସାରେ ଲାଖବିନ୍ଧା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ରାଜପୁରୋହିତ ସନ୍ତୋଷ କୁମାର ଦାଶ ନଡ଼ିଆକୁ ଭେଦ କରି ଲାଖବିନ୍ଧା ପରମ୍ପରା ସମ୍ପନ୍ନ କରିଥିଲେ। ଏହି ଉତ୍ସବ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ବଲାଙ୍ଗିରର ଗୌରବମୟ ଇତିହାସ, ରାଜକୀୟ ପରମ୍ପରା ଓ ଲୋକସଂସ୍କୃତିର ଏକ ଜୀବନ୍ତ ପ୍ରତୀକ। ଆଧୁନିକତାର ପ୍ରଭାବ ମଧ୍ୟରେ ଏପରି ପାରମ୍ପରିକ ଉତ୍ସବର ସଂରକ୍ଷଣ ଓ ପୁନରୁଦ୍ଧାର ଆଗାମୀ ପିଢ଼ିକୁ ନିଜ ଐତିହ୍ୟ ସହ ଯୋଡ଼ି ରଖିବାରେ ସହାୟକ ହେବ। ଏହି ଅବସରରେ ଦେବାଳୟ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ସମ୍ପାଦକ ପ୍ରଶାନ୍ତ ମହାକୁର, ରିଣ୍ଟୁ ସାହୁ, କୋଷାଧକ୍ଷ ଭବାନୀ ଶଙ୍କର ଭୋଇ, ବିଶିଷ୍ଟ ଲେଖକ କବିରାଜ ଭୋଇ, ଜୟ କୁମାର ଆଚାର୍ଯ୍ୟଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ପାରମ୍ପରିକ ଉତ୍ସବରେ ସାମିଲ ହୋଇଥିଲେ। ଲାଖବିନ୍ଧାର ଏହି ପରମ୍ପରା ବଲାଙ୍ଗିରର ଐତିହ୍ୟ ଓ ସାଂସ୍କୃତିକ ଅସ୍ମିତାର ଏକ ଅମୂଲ୍ୟ ସମ୍ପଦ। ଏହାର ସୁରକ୍ଷା ଓ ପ୍ରଚାରପ୍ରସାର ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ।



# ଖାଉଟି ସାମଗ୍ରୀ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କଲେ ଜିଲ୍ଲାପାଳ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବୌଦ୍ଧ ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ଖାଉଟି ସାମଗ୍ରୀ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ମୁର୍ଶୁଣ୍ଡୀ, ତେଲିବନ୍ଧ, ପଦ୍ମନପୁର ଆଦି ପଞ୍ଚାୟତ ଗସ୍ତ କରି ଖାଉଟିମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ରାସନ ସାମଗ୍ରୀର ବଣ୍ଟନ ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ଖାଉଟିମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନେ ଠିକ୍ ସମୟରେ ଏବଂ ନିର୍ଦ୍ଧାରିତ ପରିମାଣରେ ଖାଉଟି ସାମଗ୍ରୀ ପାଉଛନ୍ତି କି ନାହିଁ, ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଖାଉଟି ସାମଗ୍ରୀ ବଣ୍ଟନରେ ସ୍ୱଚ୍ଛତା ଓ ସମାନତା ବଜାୟ ରଖିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଠିକ୍ ସମୟରେ ସାମଗ୍ରୀ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗୋଦାମ୍‌ରେ ଗଚ୍ଛିତ ଥିବା ସମସ୍ତ ଖାଉଟି ସାମଗ୍ରୀ ଆଗାମୀ ଦୁଇଦିନ ମଧ୍ୟରେ ହିତାଧିକାରୀ ମାନଙ୍କୁ ବଣ୍ଟନ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖାଉଟି ସାମଗ୍ରୀ ବଣ୍ଟନରେ ଯେପରି କୌଣସି ଅବହେଳା ନହୁଏ ଏବଂ ହିତାଧିକାରୀମାନେ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ସେ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦାଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଖାଉଟି ହିତାଧିକାରୀଙ୍କୁ ନିଜର ନିର୍ଦ୍ଧାରିତ ଖାଉଟି ସାମଗ୍ରୀ ଠିକ୍ ସମୟରେ ଓ ସଠିକ୍ ପରିମାଣରେ ସଂଗ୍ରହ କରିବା ସହ ବଣ୍ଟନ ବ୍ୟବସ୍ଥାରେ କୌଣସି ଅନିୟମିତତା ପରିଲକ୍ଷିତ ହେଲେ ତାହା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବାକୁ ଅନୁରୋଧ କରାଯାଇଛି। ଏକ ସ୍ୱଚ୍ଛ, ସୁସଂଗଠିତ ଓ ଜନହିତକର ଖାଉଟି ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବାରେ ଜନସାଧାରଣ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୨୪।୧୦।୨୦୨୬, କାର୍ତ୍ତିକ ଦ୮ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୪୫।୨୫ ଚନ୍ଦ୍ରୋଦୟ- ଦିଘ୩।୫୩।୨୨**

ତ୍ରୟୋଦଶୀ ଦିଘ ୧।୪୦ ପର୍ଯ୍ୟନ୍ତ। ଉତ୍ତରାଭାଦ୍ର ନକ୍ଷତ୍ର ରାଘ ୮।୩୩ ପର୍ଯ୍ୟନ୍ତ। ମୀନ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୧।୪୦ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୨୦ ଗତେ ଦିଘ ୮।୪୧ ମଧ୍ୟେ । ଦିଘ ୧୧।୫୫ ଗତେ ଦିଘ ୧୨।୫୮ ମଧ୍ୟେ । **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା।

**ମେଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ। ଶତ୍ରୁ ସୁଯୋଗ ଅପେକ୍ଷାରେ ରହିବେ। ହେଲେ କ୍ଷତିରେ ପଡ଼ିବେନାହିଁ। ଦେହ ଭଲ ରହିବନାହିଁ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ।

**ବୃଷ:** କର୍ମକ୍ଷେତ୍ରରେ ସାମାନ୍ୟ ସମସ୍ୟା ଦେଖାଦେବ। ଯାନବାହାନ କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହ ଝଗଡ଼ା ହୋଇପାରେ। ପ୍ରବାସୀ ଜୀବନ ଅତିବାହିତ କରିବେ। ଆୟର ପରିମାଣ ବଢ଼ିବ। ପରିବାରରେ ଶାନ୍ତି ଲାଭ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ। ବ୍ୟବସାୟରେ ଲାଭ ମିଳିବ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ପାରିବାରିକ ଅଶାନ୍ତି ଲାଭ। ଅନ୍ୟର ଦୋଷ ନିମନ୍ତେ ଆପଣ ସମାଲୋଚିତ ହେବେ।

**କର୍କଟ:** ଅତୀତର ଘଟଣାକୁ ନେଇ ମନ ଉଦାସ ରହିବ। ଅନ୍ୟମନସ୍କ ଯୋଗୁ କେତେକ ଭୁଲ୍ କରିବେ। ରୋଜଗାରର ପରିମାଣ ବଢ଼ିବ। ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା।

**ସିଂହ:** ଆପଣ ଯଶସ୍ୱୀ ହେବେ। ଅଟକି ରହିଥିବା କାମଟି ପୂରଣ ହେବ। ଯାତ୍ରାରେ ସଫଳତା ମିଳିବ। ମହିଳାମାନେ ଅସୁସ୍ଥ ଅନୁଭବ କରିବେ। ଗୃହେ ସୁଖ ଶାନ୍ତି ଲାଭ କରିବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ।

**କନ୍ୟା:** ଆଧ୍ୟାତ୍ମିକ ଦିଗରେ ମନ ବଳିବ। ସେବା ପୂଜା ପ୍ରତି ଆଗ୍ରହ ପ୍ରକାଶ ପାଇବ। କୌଣସି ସାମାଜିକ କାର୍ଯ୍ୟରେ ଯୋଗ ଦେବେ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ।

**ତୁଳା:** ପରୋପକାରୀ ହେବେ। ସମସ୍ତଙ୍କ ପ୍ରିୟପାତ୍ର ହେବେ। ସତ୍‌ସଙ୍ଗରୁ ଆନନ୍ଦ ଅନୁଭବ କରିବେ। ରୋଜଗାର ମଧ୍ୟମ ଧରଣର ହେବ। ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ। ଶରୀର ସୁସ୍ଥ ରହିବ।

**ବିଛା:** ମନରେ ଦ୍ୱିଧା ଓ ବିରକ୍ତି ଉପୁଜିବ। ବନ୍ଧୁମାନେ ସହଯୋଗ କରିବେ। ଭ୍ରମଣ ସୁଖ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟବସାୟ ମଧ୍ୟମ ଧରଣର ହେବ। ଗୃହରେ ଶାନ୍ତି ଲାଭ।

**ଧନୁ:** ଯାନବାହାନ କ୍ରୟ କରିବେ। କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବେ। ରୋଜଗାର ସ୍ଥିର ରହିବ। ଗୃହେ ଶାନ୍ତି ବଜାୟ ରହିବ।

**ମକର:** ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ଶତ୍ରୁମାନେ ପରାଜିତ ହେବେ। ଆୟ ବୃଦ୍ଧି ଘଟିବ। ଭାଇ ଭାଇ ମଧ୍ୟରେ ବିବାଦ ଯୋଗୁ ପରିବାରରେ କଳହ ସୃଷ୍ଟି ହେବ। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ।

**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବେ । ଚଞ୍ଚଳମନା ହେବେ। ପରିବାରରେ କଳହ ଦେଖାଦେବ । ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। ତ୍ୟାଗଶୀଳ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ।

**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ପରିବାରରୁ ସାହାଯ୍ୟ ସହଯୋଗ ମିଳିବ। ଦୁଃସାହସିକ କାର୍ଯ୍ୟ କରି ପ୍ରଶଂସା ଲାଭ ହେବ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବାର ସୂଚନା।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୨୫।୧୦।୨୦୨୬, କାର୍ତ୍ତିକ ଦ୯ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୪୫।୪୮ ଚନ୍ଦ୍ରୋଦୟ- ଦିଘ୪।୩୨।୩୧**

ଚତୁର୍ଦ୍ଦଶୀ ଦିଘ ୧୧।୫୮ ପର୍ଯ୍ୟନ୍ତ। ରେବତୀ ନକ୍ଷତ୍ର ସଂଘ ୭।୨୫ ପର୍ଯ୍ୟନ୍ତ। ମୀନ ଚନ୍ଦ୍ର ସଂଘ ୭।୨୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ସଂଘ ୭।୨୫ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ଧନୁ ରାଶିର। ସଂଘ ୭।୨୫ ଗତେ ମେଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୧।୫୮ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୩୬ ଗତେ ଦିଘ ୮।୫୨ ମଧ୍ୟେ । ଦିଘ ୧୨।୫୮ ଗତେ ଦିଘ ୨।୫୭ ମଧ୍ୟେ । **ପର୍ବୋତ୍ସବ-** କୁମାର ପୂର୍ଣ୍ଣିମା, ଶ୍ରୀଗଜଲକ୍ଷ୍ମୀ ପୂଜା।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ସିଜ୍‌ଫାୟାର ପାଇଁ ଜେଲେନସ୍କିଙ୍କ ଆହ୍ୱାନ

ଦୀର୍ଘ ଦିନରୁ ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ଏକ ବଡ଼ କୂଟନୈତିକ ସଙ୍କେତ ମିଳିଛି । ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଯୁଦ୍ଧ ବନ୍ଦ କରିବାକୁ ପ୍ରସ୍ତୁତ ଥିବା ସ୍ପଷ୍ଟ କରିଛନ୍ତି । ଏକ ଗଣମାଧ୍ୟମ ସାକ୍ଷାତକାରରେ ସେ କହିଛନ୍ତି ଯେ ଯୁଦ୍ଧର ବର୍ତ୍ତମାନର ସୀମା ବା ଫ୍ରଣ୍ଟ ଲାଇନକୁ ବଜାୟ ରଖିବାକୁ ସେ ରାଜି ଅଛନ୍ତି । ଅର୍ଥାତ୍ ରୁଷ ଯେତିକି ଅଞ୍ଚଳ ଦଖଲ କରିଛି, ସେତିକି ଅଞ୍ଚଳ ଛାଡ଼ିଦେବାକୁ ଏବଂ ବାକି ୭୫ ପ୍ରତିଶତ ଅଞ୍ଚଳକୁ ନେଇ ଶାନ୍ତି ବୁଝାମଣା କରିବାକୁ ସେ ପ୍ରସ୍ତୁତ ଅଛନ୍ତି । ଫକ୍ସ ନ୍ୟୁଜ୍‌କୁ ଦେଇଥିବା ସାକ୍ଷାତକାରରେ ଜେଲେନସ୍କିଙ୍କୁ ପଚରାଯାଇଥିଲା ଯେ, ଯଦି ସାମ୍ପ୍ରତିକ ପରିସ୍ଥିତିକୁ ଫ୍ରିଜ୍ କରି ଦିଆଯାଏ ଏବଂ ୟୁକ୍ରେନ ପାଖରେ ଏହାର ୭୫ ପ୍ରତିଶତ ବା ତାହାଠାରୁ ଅଧିକ ଅଞ୍ଚଳ ରୁହେ, ତେବେ କ’ଣ ସେ ଏଭଳି ଶାନ୍ତି ବୁଝାମଣା ଗ୍ରହଣ କରିବେ ? ଏହାର ଜବାବରେ ଜେଲେନସ୍କି ‘ହଁ’ ବୋଲି କହିଛନ୍ତି । ସେ ମତ ପ୍ରକାଶ କରିଛନ୍ତି ଯେ, ବର୍ତ୍ତମାନର ସ୍ଥିତିକୁ ସ୍ଥାଣୁ ବା ଫ୍ରିଜ୍ କରିବାର ଆବଶ୍ୟକତା ରହିଛି ଏବଂ ଏହି ଯୁଦ୍ଧକୁ ସମାପ୍ତ କରିବାର ଏହାହିଁ ପ୍ରକୃତ ପନ୍ଥା। ଏହାକୁ ‘ସିଜ୍‌ଫାୟାର’ ବା ଯୁଦ୍ଧବିରତି କୁହାଯାଏ । ଏଥିସହ ରୁଷରେ ଆମେରିକୀୟ ଦୂତ ଷ୍ଟିଭ୍ ଭିଟକଫ୍‌ଙ୍କ ସହ ହୋଇଥିବା ବୈଠକରୁ ସକରାତ୍ମକ ଫଳାଫଳ ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । କୀଭ୍, ୱାଶିଂଟନ୍ ଏବଂ ମସ୍କୋର ନେତାମାନଙ୍କ ମଧ୍ୟରେ ଆଲୋଚନାକୁ ସେ ସମର୍ଥନ କରିଛନ୍ତି । ଅନ୍ୟପଟେ, ୟୁକ୍ରେନ ବିରୋଧରେ ଏକ ଦୀର୍ଘକାଳୀନ ଯୁଦ୍ଧ ପାଇଁ ରୁଷ ଜୋରଦାର ପ୍ରସ୍ତୁତି ଚଳାଇଛି । ରିପୋର୍ଟ ଅନୁଯାୟୀ, ରୁଷ ୟୁକ୍ରେନ ଉପରେ ଆକ୍ରମଣ କରିବା ପାଇଁ ପ୍ରାୟ ୭୦୦ ବାଲାଷ୍ଟିକ କ୍ଷେପଣାସ୍ତ୍ର ଏବଂ ୬,୦୦୦ରୁ ଅଧିକ ଆଟାକ୍ ଡ୍ରୋନ୍ ଏକାଠି କରିଛି । ମସ୍କୋ ପ୍ରତି ମାସରେ ପ୍ରାୟ ୧୦,୦୦୦ ଡ୍ରୋନ୍ ପ୍ରସ୍ତୁତ କରୁଛି ଏବଂ ୟୁକ୍ରେନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ଚକ୍‌ମା ଦେବା ପାଇଁ ନିଜର ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ କ୍ରମାଗତ ଭାବେ ବଢ଼ାଉଛି । ଗତ ୨୪ରୁ ୪୮ ଘଣ୍ଟା ମଧ୍ୟରେ ୟୁକ୍ରେନର ନିପ୍ରୋପେଟ୍ରୋଭସ୍କ ସମେତ ବିଭିନ୍ନ ଅଞ୍ଚଳରେ ରୁଷ କ୍ରମାଗତ ଭାବେ ଭୀଷଣ ବିମାନ ଆକ୍ରମଣ ଜାରି ରଖିଛି । ରୁଷର ଗାଇଡେଡ୍ ଏୟାର ବମ୍ ଏବଂ ଡ୍ରୋନ୍ ଆକ୍ରମଣ କାରଣରୁ ଡୁବନୋ ସହରର ଏପିସେଣ୍ଟର୍ ସପିଂ ସେଣ୍ଟର୍ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି ଏବଂ ସେଠାରେ ଭୟଙ୍କର ନିଆଁ ଲାଗିଯାଇଛି । ରୁଷୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନେ ଡୁବନୋରେ ଥିବା ୟୁକ୍ରେନର ଏକ ଲଜିଷ୍ଟିକ୍ସ କେନ୍ଦ୍ରକୁ ଟାର୍ଗେଟ କରିଥିଲେ । ଏଥିସହିତ, ରୁଷର କ୍ରମାଗତ ଆକ୍ରମଣରେ ୟୁକ୍ରେନର ପ୍ରାୟ ୧୫ଟି ଶକ୍ତି ଉତ୍ସ ନଷ୍ଟ ହୋଇଯାଇଛି, ଯାହାଫଳରେ ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ସମସ୍ୟା**

ସମସ୍ୟା ପ୍ରତ୍ୟେକ ଭକ୍ତ,ଶିଷ୍ୟ, ମଣିଷ, ଗୁରୁ, ଗୁରୁଜନଠାରୁ ଆରମ୍ଭକରି ରାଜ୍ୟ, ଦେଶ, ବିଦେଶ ମାନଙ୍କରେ ବି ସମସ୍ୟା ସୃଷ୍ଟି ହୋଇଚାଲିଛି । କେଉଁ ଆବହମାନ କାଳରୁ ଏହା ଏକ (ଶକ୍ତିର ଉତ୍ସ) କିନ୍ତୁ ଏହି ସମସ୍ୟା ହିଁ ସମାଧାନର ସୂତ୍ର । ସମସ୍ୟା ନଥିଲେ ସମାଧାନର ମାର୍ଗ କେଉଁଠୁ ପାଇବ ? ତେଣୁ ହେ ସୁଧିଜନ ସମସ୍ୟା ପାଇଁ ବ୍ୟସ୍ତ ନ ହୋଇ ସ୍ଥିର ହୋଇଯାଆ ଏହାର ମୂଳକୁ ଖୋଜ, ଡାଳରେ ବୁଲି ବୁଲି ବିଭିନ୍ନ ଆଲୋଚନାକୁ ସ୍ଥଗିତ ରଖ । କାହିଁକିନା ସମସ୍ୟା ବାଟରେ ଥିବ କିନ୍ତୁ ଆମେ ଆଲୋଚନା କରି କରି ସମସ୍ୟାକୁ ଆହୁରି ଜଟିଳତା କରିଦେଇଥାଉ । କାରଣ ସମସ୍ୟା ସୂକ୍ଷ୍ମରେ ଆସେ, କିନ୍ତୁ ଆମ୍ଭେମାନେ ମୋଟା ବୁଦ୍ଧି ଦ୍ୱାରା ତାକୁ ଆଲୋଚନା କରି କରି ଜଟିଳ ଆଡକୁ ନେଇଯାଇଥାଉ। ଏ ସଂସାରରେ ଭଲ ଆଉ ମନ୍ଦ ଦୁଇଟି ପଥ । ପ୍ରଥମେ ନିଜକୁ ଆୟତ୍ତ କର, ସଂଯମତା ରକ୍ଷା କରି ସମସ୍ୟାର ପର୍ଯ୍ୟବେକ୍ଷଣ କର, କାହିଁକି ଏପରି ଉପୁଜୁଛି। ଏହାର ମୂଳ ମନ୍ତ୍ର କେଉଁଠି ଅଛି । ତୁମର ଦାୟିତ୍ୱ ହୀନତା, କର୍ତ୍ତବ୍ୟ ହୀନତା, ଆଳସ୍ୟତା, ଅତ୍ୟଧିକ ଗପସପ ଉପରେ ନିଜକୁ ନିଜେ ସମୀକ୍ଷା କର । ଦେଖିବ ତୁମେ ହିଁ ତାର ମୂଳ ପାଖରେ ପହଞ୍ଚିଯାଇଥିବ କିନ୍ତୁ ତୁମକୁ ଜଣାନଥିବ। ତେଣୁ ସ୍ଥିରତାହିଁ ସମସ୍ୟାକୁ ସାଧ୍ୟ କରିବାର ସୁଯୋଗ ଦେଇଥାଏ। ତେଣୁ ହେ ଭକ୍ତ ସମସ୍ୟା ପାଇଁ ବିଚଳତାକୁ ଅଗ୍ରାଧିକାର ନଦେଇ ସ୍ଥିରତାକୁ ଭୂଷଣ କର । ଦେଖିବ ସମାଧାନର ପଥ ସୁଗମ ନିଶ୍ଚୟ ହୋଇଯିବ। ଏହାହିଁ ଈଶ୍ୱରଙ୍କର ବାଣୀ । ହରି ଓଁ ।

# ଆଦ୍ୟାଶକ୍ତି ମା’ ବିମଳା ଶ୍ରୀକ୍ଷେତ୍ରରାଜେଶ୍ୱରୀ



ହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ, ଆସିକା, ଗଞ୍ଜାମ
ମୋ-୯୮୬୧୩୩୪୮୬୮

ବିଶ୍ୱ ବନ୍ଦନୀୟ ହେଉଛି ଆମ ଜଗନ୍ନାଥ ସଂସ୍କୃତି । ଏହି ସଂସ୍କୃତିରେ ବିଭିନ୍ନ ମତବାଦ ଓ ସର୍ବଧର୍ମ ସମନ୍ୱୟର ଅପୂର୍ବ ମିଳନ ଦେଖିବାକୁ ମିଳେ ଏବଂ ତତ୍ ସହିତ ଏଠି ବୈଦିକ ରୀତିନୀତି, ଉପାସନା ଓ ତନ୍ତ୍ରର ବିଧି ବିଧାନ ଆଦି ପ୍ରଚଳିତ ରହିଛି। ଯଦି ଏହି ସଂସ୍କୃତିର ଅତୀତକୁ ଦେଖାଯାଏ, ତେବେ ଆମେ ଜାଣିପାରିବା ଯେ, ଶାବର ତନ୍ତ୍ର ଏ ସଂସ୍କୃତିର ଏକ ଅଂଶ ବିଶେଷ ହୋଇ ରହିଥିଲା। ଯାହାକୁ ପ୍ରମାଣିତ କରିଛନ୍ତି ଅନେକ ସାଂସ୍କୃତିକ ଗବେଷକ । ଏହି ଗବେଷକମାନଙ୍କ ମତ ଅନୁଯାୟୀ ବହୁ ବର୍ଷ ଧରି ନୀଳାଚଳ କ୍ଷେତ୍ରଟି ତାନ୍ତ୍ରିକମାନଙ୍କ ସାଧନାର ପୀଠସ୍ଥଳୀ ହୋଇ ରହିଥିଲା। ସେଭଳି ତାନ୍ତ୍ରିକ ଗ୍ରନ୍ଥ ‘ତନ୍ତ୍ର ଚୂଡ଼ାମଣି’ ଅନୁସାରେ ଶ୍ରୀକ୍ଷେତ୍ର ହେଉଛି ଏକ ପ୍ରଧାନ ଶକ୍ତିପୀଠ । ଯେଉଁଠି ମା’ ବିମଳା ହେଉଛନ୍ତି ‘ଭୈରବୀ’ ଏବଂ ଶ୍ରୀଜଗନ୍ନାଥ ହେଉଛନ୍ତି ‘ଭୈରବ’। ଶୈବ ଓ ଶାକ୍ତ ତନ୍ତ୍ର ପରମ୍ପରାର ମତାନୁସାରେ ଭୈରବ ହେଉଛନ୍ତି ଏକ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଜାଗ୍ରତ ଦେବତା। ସେ ଭଗବାନ ଶିବଙ୍କର ଏକ ପ୍ରଳୟଙ୍କାରୀ ତଥା ଭୟଙ୍କର ସ୍ୱରୂପ । ଭୈରବ ତାନ୍ତ୍ରିକ ସାଧନାରେ ସେ ସର୍ବୋଚ୍ଚ ସିଦ୍ଧିଦାତା ଏବଂ ସମସ୍ତ ଶକ୍ତି ପୀଠର ରକ୍ଷକ ଭାବେ ସେ ପୂଜିତ। ଶାସ୍ତ୍ରାନୁଯାୟୀ ବ୍ରହ୍ମାଙ୍କର ଅହଂକାର ଚୂର୍ଣ୍ଣ କରିବା ପାଇଁ ଭଗବାନ ଶିବଙ୍କ କ୍ରୋଧରୁ ଏହି ଭୈରବଙ୍କ ଆବିର୍ଭାବ ହୋଇଥିଲା । ସେ ପ୍ରମୁଖ ଶକ୍ତିପୀଠ ଗୁଡିକରେ ଭୈରବୀଙ୍କ ସହିତ ରକ୍ଷାକର୍ତ୍ତା ଭାବେ ଅବସ୍ଥାନ କରିଥାନ୍ତି। ଏଣୁ କୁହାଯାଇଛି:-

ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ।
ଲୋକନାଥ ଶିବୋମତ୍ର ତୀର୍ଥରାଜ ମହୋଦଧିଃ॥

ଅର୍ଥାତ୍:- ପାବନ ଶ୍ରୀକ୍ଷେତ୍ରରେ ମାତା ବିମଳା ହେଉଛନ୍ତି ସାକ୍ଷାତ ‘ଭୈରବୀ’ ବା ଶକ୍ତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଏଠି ସ୍ୱୟଂ ‘ଭୈରବ’ ବା ଶିବ। ଏହି କ୍ଷେତ୍ରର ରକ୍ଷକ ଭାବେ ପ୍ରଭୁ ଶ୍ରୀଲୋକନାଥ ବିରାଜମାନ କରିଛନ୍ତି। ତତ୍ ସହିତ ଏଠାରେ ଥିବା ବିଶାଳ ସମୁଦ୍ର (ମହୋଦଧି) ତୀର୍ଥରାଜ ଅଟନ୍ତି।

ତନ୍ତ୍ର ଚୂଡ଼ାମଣି ହେଉଛି ଭାରତୀୟ ଶକ୍ତି ସାଧନା, ଶାକ୍ତ ପରମ୍ପରା ଓ ତାନ୍ତ୍ରିକ ଭୂଗୋଳ ଉପରେ ଆଧାରିତ। ଏହା ଏକ ଅତ୍ୟନ୍ତ ପ୍ରାଚୀନ ଏବଂ ପ୍ରାମାଣିକ ସଂସ୍କୃତ ତନ୍ତ୍ର ଗ୍ରନ୍ଥ । ଏହି ଗ୍ରନ୍ଥର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ‘ପୀଠନିର୍ଣ୍ଣୟ’ ବା ‘ମହାପୀଠନିର୍ଣ୍ଣୟ’, ଯେଉଁଥିରେ ସତୀଙ୍କ ଅଙ୍ଗପାତ ଅନୁସାରେ ଭାରତବର୍ଷର ପ୍ରମୁଖ ଏକାବନଟି ଶକ୍ତିପୀଠର ସମ୍ୟକ୍ ବିବରଣୀ ଦିଆଯାଇଛି । ସେଥି ମଧ୍ୟରୁ ପୁରୁଷୋତ୍ତମ କ୍ଷେତ୍ର ଅନ୍ୟତମ। ଯେଉଁଠି ସତୀଙ୍କ ବାମ ପାଦର ବୃଦ୍ଧ ଆଙ୍ଗୁଳିଟି ପତିତ ହୋଇଥିଲା। ତେଣୁ ଏହି ପୀଠର ଅଧିଶ୍ୱରୀ ଦେବୀ ବିମଳାଙ୍କୁ ପାଦ ପୀଠାଧୀଶ୍ୱରୀ କୁହାଯାଏ। ଉକ୍ତ ପୀଠକୁ ସ୍ପଷ୍ଟ କରିବାକୁ ଯାଇ ବାମଦେବ ସଂହିତାରେ ଦେବ ଦେବ ମହାଦେବ ମା’ ଭଗବତୀ ଆଦିଶକ୍ତି ପାର୍ବତୀଙ୍କୁ କହିଛନ୍ତି ଯେ:

ଶଙ୍ଖସ୍ୟା ବରଣେ ଦେବି ପତିତଃ ପ୍ରଥମେ ସ୍ଥିତା।
ରୋହିଣୀକୁଣ୍ଡ ପାର୍ଶ୍ୱେପି ବିମଳା ନାମ ନାମତଃ।।

ଏହାର ଅର୍ଥ:- ହେ ମହାଦେବୀ ! ଭଗବତୀ ସତୀଙ୍କ ଶରୀରର ଅଂଶ ପ୍ରଥମେ ଶଙ୍ଖ କ୍ଷେତ୍ର (ଶ୍ରୀକ୍ଷେତ୍ର)ର ଆବରଣ ଭିତରେ ଏବଂ ରୋହିଣୀକୁଣ୍ଡର ପାର୍ଶ୍ୱ ( ଶ୍ରୀମନ୍ଦିରର ନୈଋତ କୋଣ)ରେ ପଡିବା ପରେ, ତୁମେ ମହାଦେବୀ ବିମଳା ନାମରେ ବିଖ୍ୟାତ ହେଲ। ସେହିପରି ତନ୍ତ୍ରଚୂଡ଼ାମଣି ଗ୍ରନ୍ଥରେ ଦେଖିବାକୁ ମିଳେ:

‘ପୁରୁଷୋତ୍ତମେ ପାଦପତନାତ୍ ବିମଳା ଦେବୀ ପ୍ରକୀର୍ତ୍ତିତା ।
ଭୈରବଃ ଶ୍ରୀଜଗନ୍ନାଥଃ ସର୍ବସିଦ୍ଧିପ୍ରଦାୟକଃ’॥

ଯା’ର ଅର୍ଥ:- ପୁରୁଷୋତ୍ତମ କ୍ଷେତ୍ରରେ ଦେବୀ ସତୀଙ୍କ ପାଦ ପତିତ ହୋଇଥିବାରୁ, ସେ ଏଠାରେ ଦେବୀ ‘ବିମଳା’ ନାମରେ ପ୍ରଖ୍ୟାତା ଏବଂ ଭୈରବ ରୂପରେ ଶ୍ରୀଜଗନ୍ନାଥ ସର୍ବସିଦ୍ଧି ପ୍ରଦାୟକ ଅଟନ୍ତି।

ପୁରୁଷୋତ୍ତମ ପୀଠର ପୀଠାଧୀଶ୍ୱରୀ ଅଟନ୍ତି ସ୍ୱୟଂ ମା’ ବିମଳା। ଯିଏ ଜୀବର ସମସ୍ତ ମଳ ବା କଳୁଷକୁ ନାଶ କରନ୍ତି; ଏଣୁ ସେ ବିମଳା ନାମରେ ନାମିତ ହୋଇ ଏ କ୍ଷେତ୍ରରେ ପୂଜିତା ହେଉଛନ୍ତି। ଏ ଉପରେ ଏକ ତାତ୍ତ୍ୱିକ କଥା ଦେଖିବାକୁ ମିଳେ। ଦିନେ ଦେବର୍ଷି ନାରଦ ଗୋଲକ ନାଥଙ୍କ ମୁଖାରବିନ୍ଦ କୈବଲ୍ୟ ପ୍ରସାଦ ପାଇ ମହାଆନନ୍ଦରେ ନାଚି ନାଚି କୈଳାସ ପୁରକୁ ଆସିଥିଲେ । ନାରଦଙ୍କୁ ଦେଖି ମହାଦେବ ସତ୍କାର କରିବା ସହ ଆନନ୍ଦର କାରଣ ଜାଣିବା ପାଇଁ ଚାହିଁଥିଲେ। ଏଥିରେ ଖୁସି ହୋଇ ନାରଦ ମୁଖାରବିନ୍ଦ କୈବଲ୍ୟ ପ୍ରାପ୍ତିର ବୃତ୍ତାନ୍ତ ଜଣାଇଥିଲେ ଶିବଙ୍କୁ। ଏହା ଶୁଣି ଶିବ କହିଲେ ହେ ଦେବର୍ଷି ! ମୋ’ ପାଇଁ କିଛି ଆଣିଛ କି ? ହରଙ୍କର ବାଣୀ ଶୁଣି ନାରଦ ଉତ୍ତର ଦେଲେ ହେ ଭକ୍ତ ଶ୍ରେଷ୍ଠ ! ପ୍ରଭୁ ପାଖରୁ ଯାହା ପ୍ରାପ୍ତି ହୋଇଥିଲା ତାହା ସବୁ ଭକ୍ଷଣ କରି ଦେଇଛି। କିନ୍ତୁ କଣିକାଟିଏ ମୋର ଦକ୍ଷିଣ ହସ୍ତର ନଖ କୋଣରେ ରହିଯାଇଛି। ଏହା ଦେଖି ସଦାଶିବ ଶ୍ରୀପ୍ରସାଦକୁ ସେବନ କରିଥିଲେ ଏବଂ ଉଭୟେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଥିଲେ। ଏ ସମସ୍ତ ବିଷୟକୁ ଜାଣିବା ପରେ ମା’ ଭବାନୀ ଶଙ୍କରଙ୍କୁ ବିଷ୍ଣୁଙ୍କ ମୁଖାରବିନ୍ଦ କୈବଲ୍ୟ ପାଇବା ନିମନ୍ତେ ପ୍ରାର୍ଥନା କଲେ। ତେଣୁ ଆଶୁତୋଷ ବିଷ୍ଣୁଙ୍କ ପାଖକୁ ଯାଇ ସମସ୍ତ କଥା କହିବାକୁ ଲାଗିଲେ। ଏଥିରେ ସନ୍ତୋଷ ହୋଇ ନାରାୟଣ କହିବାକୁ ଗଲେ ହେ ଦେବୀ ! ତୁମର କାମନା ନିଶ୍ଚିତ ଭାବରେ ପୂର୍ଣ୍ଣ ହେବ। କିନ୍ତୁ ଏବେ ନୁହଁ, କଳିଯୁଗରେ ତୁମେ ଶ୍ରୀମନ୍ଦିରେ ବିମଳା ରୂପେ ପୂଜିତା ହୋଇ ମୋର ( ଜଗନ୍ନାଥ) ନିତ୍ୟ ମହାପ୍ରସାଦ ପ୍ରାପ୍ତ କରିବ। ଏହି ବିଷୟକୁ ସୂଚାଇବାକୁ ଯାଇ ବାମଦେବ ସଂହିତାରେ ଉଲ୍ଲେଖ ରହିଛି:

ଶ୍ରୀପ୍ରସାଦଂ ପ୍ରତିଦିନଂ ଭକ୍ଷୀତ୍ୱା ତତ୍ର କେବଳମ୍ ?।
ସତ୍ୟଂଶେନ ତ୍ୱୟା ଜାତଂ ପାର୍ବତୀ ନାମ-ନାମତଃ।।

ଅର୍ଥାତ୍:- ହେ ଦେବୀ ! ସତୀଙ୍କ ପବିତ୍ର ଅଂଶରୁ ଜନ୍ମ ଗ୍ରହଣ କରିଥିବାରୁ, ତୁମେ ଜଗତରେ ‘ପାର୍ବତୀ’ ନାମରେ ପ୍ରସିଦ୍ଧି ଲାଭ କରିଛ । ଏହି ପବିତ୍ର ପୀଠରେ ପୂର୍ବ ସଂକଳ୍ପ ଯୋଗୁଁ ତୁମେ ପ୍ରତିଦିନ କେବଳ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଭକ୍ଷଣ ବା ସେବନ କରୁଛ। ତେଣୁ ଏଠାରେ ମହାଦେବୀ ବିମଳା ସଦାସର୍ବଦା ନିର୍ମାଲ୍ୟ ପାଇବା ପାଇଁ ଧ୍ୟାନରତ ଥାନ୍ତି।

ଏହି ଧ୍ୟାନରତା ଦେବୀ ବିମଳାଙ୍କ ନିକଟରେ ପ୍ରତ୍ୟହଃ ସକାଳ, ମଧ୍ୟାହ୍ନ ଏବଂ ସାୟଂ କାଳରେ ପୂଜା ଅର୍ଚ୍ଚନା ହୋଇଥାଏ । ବର୍ଷର ସମସ୍ତ ସମୟରେ ଦେବୀଙ୍କୁ ପରମବୈଷ୍ଣବୀ ଭାବେ ପୂଜା କରାଯାଉଥିବା ବେଳେ ଶରତକାଳିନ ଦୁର୍ଗାପୂଜା କାଳରେ ମା’ଙ୍କୁ କୌଳାଚାର ତନ୍ତ୍ର ଅନୁଯାୟୀ କାଳଭୈରବୀ ରୂପେ ପୂଜା କରାଯାଏ। ଦେବୀଙ୍କ ସମସ୍ତ ଉତ୍ସବ ମଧ୍ୟରେ ଶାରଦୀୟ ଷୋଡଶ ଦିନାତ୍ମକ ରହସ୍ୟ ଦୁର୍ଗା ପୂଜା ଏବଂ ଶାକ୍ତ ଗୁଣ୍ଡିଚା ପ୍ରସିଦ୍ଧ ଅଟେ। ଏହା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ଦଶମୀ ତିଥି ପର୍ଯ୍ୟନ୍ତ ପାଳିତ ହୋଇଥାଏ। ଏହି ତିଥିରେ ସପ୍ତମୀ, ଅଷ୍ଟମୀ ଓ ନବମୀର ଅର୍ଦ୍ଧରାତ୍ରୀ ସମୟରେ ମହାନିଶୀ ପୂଜା ଅନୁଷ୍ଠିତ ହୁଏ । ଯେଉଁଥିରେ ଦେବୀଙ୍କ ପାର୍ଶ୍ୱରେ ଥିବା ନାଗକନ୍ୟା ଓ ଦେବକନ୍ୟା ତଥା ଚଉଷଠି ଯୋଗିନୀଙ୍କୁ ଛାଗବଳି ଦିଆଯାଏ । ଏ ନୀତିକୁ ଅର୍ଦ୍ଧରାତ୍ରରେ ପହୁଡ଼ ପଡ଼ିବା ପରେ କିଛି ନିର୍ବାଚିତ କୌଳିକ ବ୍ରାହ୍ମଣମାନେ ସମ୍ପାଦନା କରିଥାନ୍ତି। ଉକ୍ତ ଷୋଳପୂଜାର ପ୍ରଥମ ଓ ଶେଷ ଚାରିଦିନ ବ୍ୟତୀତ ପ୍ରତ୍ୟେକ ଦିନ ବିମଳାଙ୍କୁ ଭିନ୍ନ ଭିନ୍ନ ବେଶ କରାଯାଏ । ଏହି ଷୋହଳଦିନ ପର୍ଯ୍ୟନ୍ତ ମହିଳାମାନେ ବିମଳାଦେବୀଙ୍କ ମନ୍ଦିରରେ ପ୍ରବେଶ କରନ୍ତି ନାହିଁ ।

ଭାରତର ମୁଖ୍ୟ ଚାରିଗୋଟି ଶକ୍ତି ପୀଠ ବିଷୟରେ ବ୍ରହ୍ମଯାମଳ ତନ୍ତ୍ର ଅନ୍ତର୍ଗତ ଆଦ୍ୟା ସ୍ତୋତ୍ର ଅନୁସାରେ କୁହାଯାଇଛି ଯେ:

‘ରାମେଶ୍ୱରୀ ସେତୁବନ୍ଧେ ବିମଳା ପୁରୁଷୋତ୍ତମେ
ବିରଜା ଓଡ୍ର ଦେଶେ ଚ କାମାକ୍ଷା ନୀଳ ପର୍ବତେ’॥

ଅର୍ଥାତ୍ ସେତୁବନ୍ଧ ବା ରାମେଶ୍ୱରରେ ଦେବୀ ରାମେଶ୍ୱରୀ ରୂପେ, ପୁରୁଷୋତ୍ତମ କ୍ଷେତ୍ରରେ ବିମଳା ରୂପେ, ଓଡ୍ର ଦେଶରର ଯାଜପୁରରେ ବିରଜା ରୂପେ ଏବଂ ନୀଳପର୍ବତରେ କାମାକ୍ଷା ରୂପରେ ମା’ ସୁବିଦିତା। ଏହି ପୁରୁଷୋତ୍ତମ କ୍ଷେତ୍ରରେ ବିରାଜିତା ମା’ଙ୍କ ସ୍ୱରୂପା ଅତ୍ୟନ୍ତ ମନହାରିଣୀ ବୋଲି ବିମଳା ଅଷ୍ଟକମ୍‌ରେ କୁହାଯାଇଛି:

ହସ୍ତେ ବ୍ୟାଳବଳା ଜୀବୋତ୍ତମକରା
ଚନ୍ଦ୍ରଶୁବିମ୍ବାଧରୀ ପ୍ରାଣକୁମ୍ଭକରାନ୍ୱିତା ତୁ ଜନନୀ
ପ୍ରାଣସ୍ୟ ପ୍ରାଣେଶ୍ୱରୀ ।
ସର୍ବାନନ୍ଦକାରୀ ଦୃଶା ଶୁଭକାରୀ ରନ୍ଧାଜ୍ୟମାଳାଧରୀ
ତ୍ରାହି ମାଂ ବିମଳେ ସଦା ସୁଖକରୀ
ଶ୍ରୀକ୍ଷେତ୍ରରାଜେଶ୍ୱରୀ ?

ମା’ ବିମଳା ଦେବୀ ଚତୁର୍ଭୁଜା, ତ୍ରିନେତ୍ରା ଏବଂ ଅଷ୍ଟଦଳ ପଦ୍ମ ଉପରେ ଦଣ୍ଡାୟମାନା । ସେ ଉର୍ଦ୍ଧ୍ୱ ଦୁଇଟି ହସ୍ତରେ ନାଗକନ୍ୟା ଓ ଜପାମାଳି ଏବଂ ଦେବକନ୍ୟାଙ୍କୁ ଧାରଣ କରିବା ସହିତ ନିମ୍ନ ଦୁଇଟି ହସ୍ତରେ ଅଭୟ ମୁଦ୍ରା ଓ ସୁଧାଭାଣ୍ଡକୁ ଧାରଣ କରିଛନ୍ତି । ଦେବୀଙ୍କର ଦୁଇ ପାର୍ଶ୍ୱରେ ଦୁଇଜଣ ଚଣ୍ଡୀ ଛାୟା ଦେବୀ ଓ ମାୟା ଦେବୀ ବିରାଜିତା। ଏତଦ୍ ବ୍ୟତୀତ ମନ୍ଦିରରେ ସପ୍ତମାତୃକା, ଦଶମହାବିଦ୍ୟା ଓ ଯୋଗିନୀ ଆଦି ମଧ୍ୟ ପୂଜା ପାଉଛନ୍ତି।

ଜଗନ୍ନାଥ ସଂସ୍କୃତି ଯେପରି ବୈଚିତ୍ର୍ୟ, ସେପରି ଦେବୀ ବିମଳାଙ୍କ ନୀତି ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର। ସାଧାରଣତଃ ଠାକୁରଙ୍କ ପାଖରେ ଭୋଗ ହେବାପରେ, ସେହି ଭୋଗକୁ ଅନ୍ୟ କୌଣସି ମନ୍ଦିରରେ ଭୋଗ ହୋଇନଥାଏ। କିନ୍ତୁ ଶ୍ରୀମନ୍ଦିରରେ ପ୍ରତ୍ୟେକ ଦିନ ଶ୍ରୀଜଗନ୍ନାଥଙ୍କୁ ପ୍ରସାଦ ଅର୍ପିତ ହେଲାପରେ ପୁନର୍ବାର ମା’ ବିମଳାଙ୍କୁ ଅର୍ପଣ କରାଯାଇଥାଏ। ଏଥି ନିମିତ୍ତ ଏକ ସ୍ୱତନ୍ତ୍ର ‘ବିମଳେଇ ଥାଳି’ର ମଧ୍ୟ ବ୍ୟବସ୍ଥା ରହିଛି। ମା’ଙ୍କୁ ଅର୍ପିତ ହେବା ପରେ ଏହାକୁ ‘ମହାପ୍ରସାଦ’ ଏବଂ ‘ମା ପ୍ରସାଦ’ କୁହାଯାଏ। ଯାହା କେବଳ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇଥାଏ। ଏହା ହିଁ ମା’ ବିମଳାଙ୍କ ସ୍ୱତନ୍ତ୍ରତା। ଶାରଦୀୟ ଦୁର୍ଗାପୂଜା ସମୟରେ ଜଗନ୍ନାଥଙ୍କ ପ୍ରତିନିଧି ଭାବରେ ମାଧବ ଏବଂ ବିମଳାଙ୍କ ପ୍ରତିନିଧି ଭାବରେ ଦୁର୍ଗା, ଏକତ୍ର ଭୈରବ ଓ ଭୈରବୀ ରୂପରେ ଗୋଟିଏ ମଣ୍ଡପରେ ପୂଜିତ ହୋଇଥାନ୍ତି। ଏହି ଷୋଳଦିବସ ପୂଜା ସମୟରେ ତାନ୍ତ୍ରିକ ମତରେ ହେଉଥିବାରୁ ଏହାକୁ ଶାକ୍ତ ଗୁଣ୍ଡିଚା ମଧ୍ୟ କୁହାଯାଏ। ମା’ ଦୁର୍ଗତିନାଶିନୀ ଦୁର୍ଗାଙ୍କର ଅପର ନାମ ବିମଳା ବୋଲି ଏହି ନିମ୍ନଲିଖିତ ଶ୍ଳୋକରେ କୁହାଯାଉଛି:

“ଦୁର୍ଗା ଭଗବତୀ ଭଦ୍ରା ଶିବା ସ୍ୱର୍ଗାପବର୍ଗଜା
ଚଣ୍ଡିକା କାଳିକା ବାଳା ବିମଳା ସତୀ।”

କିଛି ଗବେଷକଙ୍କ ମତରେ ବିମଳା ଅଟନ୍ତି ପ୍ରଭୁ ବଳଭଦ୍ରଙ୍କ ସ୍ତ୍ରୀ। ସେଥିପାଇଁ ବଳଭଦ୍ରଙ୍କ ଅଧର ଫଳକ ଓ ଧଣ୍ଡାମାଳ ଇତ୍ୟାଦି ବିମଳାଙ୍କୁ ଅର୍ପିତ ହୋଇଥାଏ। ତେଣୁ ମା’ଙ୍କୁ ବଡ଼ବାଡ଼ ସାଆନ୍ତାଣୀ ବୋଲି କୁହାଯାଏ।

ମା’ ବିମଳା କେବଳ ଜଣେ ଦେବୀ ନୁହନ୍ତି, ସେ ହେଉଛନ୍ତି ଜଗତର କଲ୍ୟାଣକାରୀ ମାତା। ଯାହାଙ୍କର କରୁଣା ଭିକ୍ଷା ଲାଭ କରିବା ପାଇଁ ଏବଂ ଶ୍ରୀକ୍ଷେତ୍ର ଧାମରେ ଗୋବର୍ଦ୍ଧନ ପୀଠ ପ୍ରତିଷ୍ଠା ନିମନ୍ତେ ସନାତନ ଧର୍ମର ପ୍ରସିଦ୍ଧ ସନ୍ଥ ଆଦି ଶ୍ରୀଶଙ୍କରାଚାର୍ଯ୍ୟ ପୁରୀକୁ ଆସିଥିଲେ। ସେ ବିମଳାଙ୍କ ମା’ଙ୍କ ସାନିଧ ଲାଭକରି କୃତକୃତ୍ୟ ହୋଇ ଗାଇଯାଇଥିଲେ ‘ବିମଳା ଅଷ୍ଟକମ୍’। ଯା’ର କିଛି ପଦ ହେଉଛି:-

ଆଦ୍ୟା ଦେବୀ ପରାପୃରା ଭଗବତୀ ମାତା କୃପାସାଗରୀ
ବ୍ରହ୍ମାନନ୍ଦପ୍ରଦାୟିନୀ ହରବଧୂଃ ଷଟ୍‌ଚକ୍ରଚକ୍ରେଶ୍ୱରୀ।
ମାୟାମୋହମୟୀ ଜନୋଦୟକରୀ
ବ୍ରହ୍ମାଣ୍ଡଭାଣ୍ଡୋଦରୀ
ତ୍ରାହି ମାଂ ବିମଳେ ସଦା ସୁଖକରୀ
ଶ୍ରୀକ୍ଷେତ୍ରରାଜେଶ୍ୱରୀ
ଉଦ୍ୟଚ୍ଚନ୍ଦ୍ରପ୍ରଭାକରୀ ଅଭୟଦା ଶ୍ରୀପାଦପୀଠେଶ୍ୱରୀ
ଦାରୁବ୍ରହ୍ମବିନୋଦିନୀ ତୁ ତ୍ରିପୁରା ପ୍ରତ୍ୟକ୍ଷମାହେଶ୍ୱରୀ।
ଭଣ୍ଡୋନ୍ମାଦପରାୟଣାତିପରମା ବିଶ୍ୱେଶି ମାତେଶ୍ୱରୀ
ତ୍ରାହି ମାଂ ବିମଳେ ସଦା ସୁଖକରୀ
ଶ୍ରୀକ୍ଷେତ୍ରରାଜେଶ୍ୱରୀ ?

ଅର୍ଥାତ୍:- ମା’ ବିମଳା ହେଉଛନ୍ତି ସୃଷ୍ଟିର ଆଦ୍ୟା ଶକ୍ତି, ସବୁଠାରୁ ଶ୍ରେଷ୍ଠା ଭଗବତୀ ଏବଂ କୃପାର ସାଗରୀ । ସେ ପରମ ଆନନ୍ଦକୁ ପ୍ରଦାନ କରିଥାନ୍ତି । ମା’ ମହାଦେବଙ୍କ ପତ୍ନୀ ଅଟନ୍ତି ଏବଂ ଶରୀରର ଷଟ୍‌ଚକ୍ରର ନିୟନ୍ତ୍ରଣକାରୀ । ଏହି ବିମଳା ମାୟା-ମୋହ ସୃଷ୍ଟି କରିବା ସହ ଜୀବ ଜଗତର କଲ୍ୟାଣ କରନ୍ତି ଏବଂ ସମଗ୍ର ବ୍ରହ୍ମାଣ୍ଡକୁ ନିଜ ଗର୍ଭରେ ଧାରଣ କରିଛନ୍ତି । ସେ’ପରି ସେ ଉଦୟ ହେଉଥିବା ଚନ୍ଦ୍ର ଓ ସୂର୍ଯ୍ୟଙ୍କ ଭଳି ଦୀପ୍ତିମାନ ଅଟନ୍ତି ଏବଂ ସେ ସମସ୍ତ ଭକ୍ତଙ୍କୁ ଅଭୟ ପ୍ରଦାନ କରନ୍ତି। ମାଆ ନିଜର ଶ୍ରୀପାଦପୀଠରେ ବିରାଜମାନ କରି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ସହ ଲୀଳା-ବିଳାସ କରୁଛନ୍ତି। ସେ ହେଉଛନ୍ତି ତ୍ରିପୁରାସୁନ୍ଦରୀ ଓ ସାକ୍ଷାତ ମାହେଶ୍ୱରୀ ତଥା ଦୁଷ୍ଟମାନଙ୍କର ଉନ୍ମାଦନାର ନଷ୍ଟକାରୀ। ହେ ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ! ମତେ ରକ୍ଷା କରନ୍ତୁ ଏବଂ ସଦା ସୁଖ ପ୍ରଦାନ କରନ୍ତୁ ।

ପୂର୍ବରୁ ବିମଳାଙ୍କୁ ସ୍ୱୟଂ ଶକ୍ତିସ୍ୱରୂପିଣୀ ଜଗଜ୍ଜନନୀ କୁହାଯାଉଛି। ଏହି ଆନନ୍ଦମୟୀ ଭଗବତୀ ଦୁର୍ଗା ଓ ସଚ୍ଚିଦାନନ୍ଦ ମାଧବ ଶ୍ରୀଜଗନ୍ନାଥଙ୍କ ଯୁଗଳ ଉପାସନା ଯାହା ଦୁର୍ଗାମାଧବ ଉପାସନା ରୂପେ ବିଖ୍ୟାତ। ସମସ୍ତଙ୍କର ସୁଖଶାନ୍ତି ପାଇଁ ଏହାଙ୍କୁ ପ୍ରାର୍ଥନା କରାଯାଏ।

“ଯେ ଦୁର୍ଗା ମାଧବଂ ନିତ୍ୟଂ ସ୍ମରନ୍ତି ଶ୍ରଦ୍ଧୟାନ୍ୱିତଃ
ସର୍ବବିଘ୍ନ ଭୟଂତେଷାଂ ବିନଶ୍ୟନ୍ତି ପଦେ ପଦେ।”

ସଂକ୍ଷେପରେ କହିବାକୁ ଗଲେ, ମା’ ବିମଳା ହେଉଛନ୍ତି ଶ୍ରୀକ୍ଷେତ୍ରର ପ୍ରାଣକେନ୍ଦ୍ର ଏବଂ ତାଙ୍କ ବିନା ଶ୍ରୀଜଗନ୍ନାଥ ସଂସ୍କୃତି ଅସମ୍ପୂର୍ଣ୍ଣ। ସେ ବୈଷ୍ଣବ ଓ ଶାକ୍ତ ଧର୍ମର ଏକ ସୁନ୍ଦର ସେତୁ ସଦୃଶା। ଯୁଗ ଯୁଗ ଧରି ସେ କୋଟି କୋଟି ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇ ରହିଛନ୍ତି। ଶ୍ରୀମନ୍ଦିର ବେଢ଼ାରେ ବିରାଜମାନ କରି ମା’ ସମଗ୍ର ସୃଷ୍ଟିକୁ ନିଜର କରୁଣା ଆଶୀର୍ବାଦ ପ୍ରଦାନ କରି ଚାଲିଛନ୍ତି। ତାଙ୍କରି ଏପରି କୃପା ସଦା ରହିଥାଉ, ଏତିକି ହିଁ ମାଗୁଣି କରେ ଏ ଅକିଞ୍ଚନ।

# ଭାରତୀୟ ପରମ୍ପରାରେ ଦେବୀଦୁର୍ଗା ପୂଜା



ଡ.ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ସଭ୍ୟତା ହେଉଛି ମଣିଷର ବହିରଙ୍ଗ ଏବଂ ବାହ୍ୟ ଚଳଣୀର ରୂପାୟନ। ସଂସ୍କୃତି ମାଧ୍ୟମରେ ଜାତିର ଆତ୍ମା ପ୍ରତିଫଳିତ ହୋଇଥାଏ। ସଂସ୍କୃତି ଏକ ପ୍ରବହମାନ ଧାରା। ସଂସ୍କୃତି ସମାଜ ଜୀବନକୁ ସର୍ବତୋଭାବେ ଅନୁପ୍ରାଣିତ କରିଥାଏ। ଯଥାର୍ଥରେ ସଂସ୍କୃତି ହେଉଛି ଜ୍ଞାନଗତ ଉତ୍କର୍ଷ। ଏହା ଲବ୍ଧ ବିଦ୍ୟାବୁଦ୍ଧି ଶିଳ୍ପକଳା ରୁଚି ନୀତିର ଉତ୍କର୍ଷ। ଭୌତିକ ଐଶ୍ୱର୍ଯ୍ୟ ଗୋଟିଏ ଜାତିର ଉନ୍ନତିର ସର୍ବଶ୍ରେଷ୍ଠ ପରିଚୟ ନୁହେଁ। ଜାତୀୟ ଜୀବନରେ ସମୃଦ୍ଧିର ସର୍ବଶ୍ରେଷ୍ଠ ମାନଦଣ୍ଡ ହେଉଛି ତାହାର ବଳିଷ୍ଠ ସାଂସ୍କୃତିକ ପରିବେଶ।

ଭାରତୀୟ ସଂସ୍କୃତି ମହାନ ସଂସ୍କୃତି। ଏହା ସାଂସ୍କୃତିକ ମହାମିଳନର ସ୍ଥଳ। ଭାରତୀୟ ସଂସ୍କୃତି ଏକ ପ୍ରାଚୀନ ତଥା ସମନ୍ୱିତ ସଂସ୍କୃତି। ଭାରତ ଭୂମିରେ ଏକ ସାଂସ୍କୃତିକ ସ୍ରୋତ ସର୍ବଦା ପ୍ରବାହିତ। ଏହି ସାଂସ୍କୃତିକ ସ୍ରୋତରେ ଶକ୍ତି ଉପାସନାର ଏକ ନିଆରା ପରମ୍ପରା ଦେବୀ ଦୁର୍ଗାଙ୍କ ପୂଜା। ଭାରତୀୟ ଶକ୍ତି ପରମ୍ପରାରେ ବିଭିନ୍ନ ଦେବୀ ପୂଜା ସ୍ୱୀକୃତ ହୋଇଥିଲେ ମଧ୍ୟ, ସବୁଠାରେ ଦୁର୍ଗାପୂଜାର ସ୍ୱାତନ୍ତ୍ୟ ଅନୁଭୂତ ହୁଏ। ବହୁ ପ୍ରାଚୀନ କାଳରୁ ଏହା ଭାରତୀୟ ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇ ରହିଛି। ଆରଣ୍ୟକର (ତୈତ୍ତରୀୟ) ଉପନିଷଦରେ ଶ୍ରୀଦେବୀ ଦୁର୍ଗାଙ୍କ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଦୁର୍ଗାଙ୍କର ତପଃ ପ୍ରଜ୍ୱଳିତରୂପା ଶକ୍ତି ରୂପେ ବର୍ଣ୍ଣନା କରି ଲେଖା ଯାଇଛି-

‘ତାମଗ୍ନି ବର୍ଣ୍ଣା ତପସା ଜ୍ୱଳନ୍ତାଂ
ବୈରୋଚନାଂ କର୍ମ ଫଳେଷୁ ଦୁଷ୍ଟାମ୍
ଦୁର୍ଗାଦେବୀଂ ଶରଣଂ ମହ ପ୍ରପଦ୍ୟେ
ସୁତରସି ତରସେ ନମଃ।

ଏହାର ଅର୍ଥ ଅଗ୍ନିବର୍ଣ୍ଣା ବା ଅଗ୍ନିଙ୍କ କନ୍ୟା, ଯିଏ କର୍ମଫଳରେ କାମ୍ୟ, ଏହିପରି ଦୁର୍ଗା ଦେବୀଙ୍କର ମୁଁ ଶରଣାଗତ।

ଦୁର୍ଗା ଶବ୍ଦର ବ୍ୟପ୍ତି ପୁରାଣ ଶାସ୍ତ୍ର ମାନଙ୍କରେ ବିଭିନ୍ନ ଅର୍ଥରେ ବର୍ଣ୍ଣିତ ହୋଇଛି। ଶକ୍ତି ସ୍ୱରୂପିଣୀ ତଥା ଶକ୍ତିର ଅଧିଷ୍ଠାତ୍ରୀ ମା’ ଦୁର୍ଗାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି- ‘ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା।’ ରୁଦ୍ର ପତ୍ନୀ ରୂପେ ଦେବୀ ଶକ୍ତି ଅମ୍ବିକା, ଉମା, ଦୁର୍ଗା ବା ପାର୍ବତୀଙ୍କ ନାମରେ ପରିଚିତ। ମହାଭାରତରେ ବିରାଟ ପର୍ବରେ ଦେବୀଙ୍କୁ ଦୁର୍ଗତିନାଶିନୀ ରୂପେ ଅବତାରଣା କରାଯାଇଛି- ଦୁର୍ଗାତ୍ ତାରୟ ସେ ଦୁର୍ଗା ତସ୍ମାତ୍ ଦୁର୍ଗାସ୍ୱତା ଜନୈଃ। ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି- ଦେବୀ ଦୁର୍ଗା ଅସୁର ନିଧନ ପରେ ନିଜର ଦୁର୍ଗା ନାମ କରଣର ତାତ୍ପର୍ଯ୍ୟ ବାଖ୍ୟାନ କରି କହିଛନ୍ତି-

“ଅଦ୍ୟ ପ୍ରଭୃତି ମେ ନାମ ଦୁର୍ଗେତି ଖ୍ୟାତିମେଷ୍ୟତି
ଦୁର୍ଗ ଦୈତସ୍ୟ ସମର ପାତନାବତି ଦୁର୍ଗମାତ୍
ଯେ ମାଂ ଦୁର୍ଗାଂ ଶରଣାଃ ନ ତେଷାଂ ଦୁର୍ଗତିଃ କ୍ୱଚିତ୍।”

ମାର୍କଣ୍ଡେୟ ପୁରାଣରେ ମଧ୍ୟ ଦେବୀ ଚଣ୍ଡିକା ନାମରେ ଅସୁର ନିଧନ କରି ଦୁର୍ଗା ରୂପେ ପୂଜିତ ହେବାର କଥା କହିଛନ୍ତି।

‘ତତୈବ ଚ ବଧିଷ୍ୟାମୀ ଦୁର୍ଗାମାଖ୍ୟଂ ମହାସୁରମ
ଦୁର୍ଗା ଦେବୀତି ବିଖ୍ୟାତଂ ତନ୍ମେନାମ ଭବିଷ୍ୟତି।’

ସର୍ବଭୂତରେ ସେ ଦୟା, କ୍ଷମା, ଶାନ୍ତି, ମୁକ୍ତି ସର୍ବରୂପରେ ପୂଜିତା। ସେ ପ୍ରକୃତି ସ୍ୱରୂପିଣୀ, ସର୍ବମନ୍ତ୍ରର ଜନନୀ। ଶକ୍ତି ବିନା ଶିବ ମଧ୍ୟ ଶବରେ ପରିଣତ ହୁଅନ୍ତି। ଶିବ ଓ ଶକ୍ତି ସଂଯୁକ୍ତ ହେଲେ ହିଁ ଓଁକାର ଧ୍ୱନୀ ଉତ୍ପନ୍ନ ହୁଏ। ଶକ୍ତି ହିଁ ବ୍ରହ୍ମର ଅବ୍ୟକ୍ତ ରୂପକୁ ବ୍ୟକ୍ତ କରି ସଚରାଚର ବିଶ୍ୱକୁ ଆଲୋକ ଦେଖାଇଥାଏ। ଗୀତାରେ ଉଲ୍ଲେଖ ଅଛି-‘ମାୟାଧକ୍ଷେଣ ପ୍ରକୃତଃ ସୂୟତେ ସରୋଚରମ୍’। ଶକ୍ତି ବିନା କୌଣସି କାର୍ଯ୍ୟ ସମାହିତ ହେବା ସମ୍ଭବ ନୁହେଁ। ଦୁର୍ଗା ଚିରନ୍ତନୀ ଶକ୍ତି। ତାଙ୍କର ରୂପ ନାହିଁ, ସେ ଅପରୂପା। ଋକ୍‌ବେଦରେ ଦେବୀସ୍ୱକ୍ତକୁ ଶକ୍ତି ଉପାସନାର ଆଦ୍ୟ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇଛି।

ବହୁ ପ୍ରାଚୀନ କାଳରୁ ଏହା ଓଡିଶାର ଧାର୍ମୀକ ପରମ୍ପରାରେ ଅଙ୍ଗୀଭୂତ। ପ୍ରତିବର୍ଷ ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀ ନବମୀ ତିଥିରେ ଅଜିତା, ଅପରାଜିତା, ସିଂହବାହିନୀ, ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗାଙ୍କର ଆବାହନ, ଅଧିଷ୍ଠାନର ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ। ଏହି ପାର୍ବଣର ଝଙ୍କାରରେ ନିନାଦିତ ହୋଇଉଠେ ସାରା ଓଡିଶା ପୁରପଲ୍ଲୀ। ଓଡିଶାର ବିଭିନ୍ନ ଦେବାଦେବୀ ପୀଠ ମଧ୍ୟରେ ଯାଜପୁରର ମାଆ ବିରଜା, କାକଟପୁରର ମାଆ ମଙ୍ଗଳା, ସମ୍ବଲପୁରରେ ମାଆ ସମଲେଶ୍ୱରୀ, ଶ୍ରୀକ୍ଷେତ୍ରରେ ମାଆ ବିମଳା, ଭୁବନେଶ୍ୱରରେ ମା’ ଗୌରୀ, ବାଙ୍କିରେ ମାଆ ଚର୍ଚ୍ଚିକା ଆଦି ସମସ୍ତ ପୀଠରେ ଦେବୀଙ୍କ ଶାରଦୀୟ ଦୁର୍ଗା ପୂଜା ଆଡମ୍ବର ସହକାରେ ହୋଇଥାଏ। ଆଶ୍ୱୀନ ଶୁକ୍ଳପକ୍ଷ ମୂଳାଷ୍ଟମୀ ତିଥିରୁ ଷୋହଳ ଦିନ ବ୍ୟାପୀ ଏହି ଉତ୍ସବ ପାଳିତ ହୋଇଥାଏ। ଉତ୍କଳର ଲୋକ ସଂସ୍କୃତିରେ ଶାରଦୀୟ ଦୁର୍ଗା ପୂଜାର ଖୁବ ତାତ୍ପର୍ଯ୍ୟ ରହିଛି। ଓଡିଶାର ଦେବୀ ଦୁର୍ଗାଙ୍କର ପ୍ରଚୀନତମ ପୀଠ ହେଉଛି ବିରଜାକ୍ଷେତ୍ର। ଏହି କ୍ଷେତ୍ର ସଂପର୍କରେ ମହାଭାରତର ବନପର୍ବରେ ଉଲ୍ଲେଖ ଅଛି-

‘ତତୋ ବୈତରଣୀ ଗଚ୍ଛେତ
ସର୍ବପାପ ପ୍ରମୋଚନୀମ୍
ବିରଜାତୀର୍ଥ ମାଶାଦ୍ୟ
ବିରାଜିତ ଯଥା ଶଶୀ।’

ମହାଭାରତ ରଚନା କାଳରେ ଶକ୍ତିପୀଠ ରୂପେ ବିରଜା କ୍ଷେତ୍ର ପ୍ରସିଦ୍ଧି ଲାଭ କରିଥିଲା। ଖ୍ରୀଷ୍ଟୀୟ ଦ୍ୱିତୀୟ ବା ତୃତୀୟ ଶତାବ୍ଦୀ ବୋଲି ମୂର୍ତ୍ତି ତତ୍ତ୍ୱବିତ ମାନେ ମତ ଦିଅନ୍ତି। କେବଳ ଓଡିଶାରେ ନୁହେଁ ସମଗ୍ର ଭାରତବର୍ଷରେ ମହିଷାମର୍ଦ୍ଦିନୀ ଦ୍ୱିଭୂଜା ଦୁର୍ଗାଙ୍କର ପ୍ରଥମ ନିଦର୍ଶନ ଦେବୀ ବିରଜାଙ୍କ ମୂର୍ତ୍ତି। ଇତିହାସର ପୃଷ୍ଠା ଅନୁଶୀଳନ କଲେ ଜଣାଯାଏ- ଭୌମକର ବଂଶୀୟ ରାଜା ମାନଙ୍କ ରାଜତ୍ୱ କାଳରେ ଶକ୍ତି ସ୍ୱରୂପିଣୀ ଦୁର୍ଗାଙ୍କ ପୂଜାର ବ୍ୟାପକ ପ୍ରସାର ହୋଇଥିଲା। ଏହି ସମୟରେ ପ୍ରାଚୀ, ଚିତ୍ରୋତ୍ପଳା ଓ ବ୍ରାହ୍ମଣୀ ନଦୀର ଅବବାହିକାରେ ଏବଂ ଓଡିଶାର ଅନ୍ୟାନ୍ୟ ସ୍ଥାନରେ ବାରାହା, ଭୈରବୀ, ମନସା, ଦଶଭୂଜା, ଦ୍ୱାଦଶଭୂଜା, ଷୋଡଶଭୂଜା, ମହିଷାମର୍ଦ୍ଦିନୀ ଦୁର୍ଗାଙ୍କର ବହୁ ସଂଖ୍ୟାରେ ଜନସାଧାରଣ ଉପାସିତ ହେଉଥିଲେ। ଭୁବନେଶ୍ୱରର ବୈତାଳ ମନ୍ଦିର ଗାତ୍ରରେ ଖୋଦିତ ଅଷ୍ଟଭୂଜା ଦୁର୍ଗା ଏହି ସମୟର ବୋଲି ଗବେଷକ ମାନେ ମତ ଦିଅନ୍ତି। ଭୌମରାଣୀ ତ୍ରିଭୁବନ ମହାରାଣୀ ଓ ଦଣ୍ଡୀ ମହାଦେବୀଙ୍କ ପ୍ରଶସ୍ତିରେ ସେମାନଙ୍କୁ କାତ୍ୟାୟନୀଙ୍କ ସହ ତୁଳନା କରାଯାଇଛି। ପ୍ରତିଷ୍ଠା ଓ ଲୋକପ୍ରିୟତା ଅର୍ଜନ କରିବା ପାଇଁ ଜନମାନସରେ ଅଧିଷ୍ଠିତ ଦେବତାଙ୍କ ଭାବମୂର୍ତ୍ତି ଗ୍ରହଣ କରିବା ଏକ ରାଜକୀୟ ପ୍ରଥା ଥିଲା। ସେ ସମୟରେ ବହୁ ଅଭିଲେଖରେ ଚାମୁଣ୍ଡା ଓ କାତ୍ୟାୟନୀଙ୍କ ସ୍ତୁତି ଗାନ କରାଯାଇଛି। ସୋମବଂଶୀ ରାଜା ମାନଙ୍କ ଦ୍ୱାରା ଗୃହିତ ପରମଭଟ୍ଟାରକ ଉପାଧୀରୁ ଜଣାଯାଏ, ସେମାନେ ସମସ୍ତେ ଶାକ୍ତ ଉପାସକ ଥିଲେ। ଗଙ୍ଗ ବଂଶୀୟ ନୃପତି ଚୋଡଗଙ୍ଗଦେବଙ୍କ ସମୟରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ସୁଭଦ୍ରା ଦେବୀ ଦୁର୍ଗା ବା କତ୍ୟାୟନୀଙ୍କ ଅବତାର ରୂପେ ଏକ ନଂଶା ଭାବେ ପୂଜିତ ହୋଇ ଆସୁଛନ୍ତି। ବେଢା ମ୍ଭରେ ମୁଖ୍ୟ ଦେବୀଭାବେ ପୂଜିତା ମା ବିମଳା ହେଉଛନ୍ତି ଶ୍ରୀ ଜଗନ୍ନାଥ ମହାପ୍ରଭୂଙ୍କ ଭୈରବୀ। ଏଠାରେ ଷୋଳଦିବସୀୟ ପୂଜାରେ ବିଭଳାଙ୍କୁ ଭବ୍ୟ ବେଶ କରାଯାଏ। ସେଗୁଡିକ ହେଲା- ବନଦୁର୍ଗା, ଭୁବନେଶ୍ୱରୀ, ନାରାୟଣୀ, ମଙ୍ଗଳା, ଜୟଦୁର୍ଗା, ଉଗ୍ରତାରା, ମାତଙ୍ଗିନୀ, ଦଶଭୂଜା, ରାଜରାଜେଶ୍ୱରୀ, ହରଚଣ୍ଡୀ ଓ ସିଂହବାହିନୀ। ସିଂହବାହିନୀ ବେଶ ଷଷ୍ଠୀ ଦିବସରେ ଅନୁଷ୍ଠିତ ହୁଏ। ବୃହସ୍ପତି ସୁରୀଙ୍କ କୃତ୍ୟ କୌମୁଦୀ ଗ୍ରନ୍ଥରେ ମଧ୍ୟ ମହାଷ୍ଟମୀ ଦୁର୍ଗାପୂଜାର ବର୍ଣ୍ଣନା ଅଛି। ସୂର୍ଯ୍ୟବଂଶୀ ରାଜା ଗଜପତି କପିଳେନ୍ଦ୍ରଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ ନିଜକୁ ଶ୍ରୀଦୁର୍ଗାଙ୍କର ପୁତ୍ର ରୂପେ ଅଭିଲେଖ ଗୁଡିକରେ ଉଦଘୋଷଣା କରିଛନ୍ତି। ସୂର୍ଯ୍ୟବଂଶୀ ରାଜତ୍ୱ କାଳରେ ତାନ୍ତ୍ରିକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରଣୀତ ଶରଦାଶରବର୍ଯ୍ୟନ ପଦ୍ଧତି ଓଡିଶାର ଶରତ କାଳୀନ ଦୁର୍ଗାପୂଜା ସମ୍ବନ୍ଧରେ ସର୍ବପ୍ରଥମେ ବର୍ଣ୍ଣନା କରାଯାଇଛି। ଭୋଇ ବଂଶୀୟ ରାଜତ୍ୱ କାଳରେ କବି ବର୍ଦ୍ଧନ ମହାପାତ୍ର ଦୁର୍ଗୋତ୍ସବ ଚନ୍ଦ୍ରିକା ଗ୍ରନ୍ଥରେ ଲେଖିଛନ୍ତି- ଶଶ୍ୟ ସମ୍ପଦର ସମୃଦ୍ଧି ସହିତ ଜାତି ବର୍ଣ୍ଣ ନିର୍ବିଶେଷରେ ପ୍ରଜାଙ୍କ କଲ୍ୟାଣ ସାଧନ ନିମିତ୍ତ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କର ଷୋଡ ଦିବସୀୟ ପୂଜା ବିଧିର ଦିଗଦର୍ଶନ ଦିଆଯାଇଛି। ଏଥିରେ ଲେଖା ଅଛି-

‘ରାଜନ୍ୟାନାଂ ବ୍ରାହ୍ମଣାନାଂ ବୈଶ୍ୟନାଂନ
ଶୁଦ୍ରାଣାଂ ବା ସର୍ବକର୍ଣ୍ଣକାନାମ୍
ମ୍ଲେଚ୍ଛାନାଂ ବା ଭକ୍ତିଚର୍ଯ୍ୟା ବିଶେଷଃ
କର୍ମର୍ୟସ୍ମିନ୍ ନିର୍ବିବାଦେଅଧିକାରଃ।’

ବ୍ୟାସଦେବଙ୍କ ମୂଳ ମହାଭାରତ ଅନୁକରଣରେ ଓଡିଶାର ଆଦିକବି ମହାଭାରତର ବିରାଟ ପର୍ବରେ ଯୁଦ୍ଧିଷ୍ଠିରଙ୍କ ଦୁର୍ଗାସ୍ତବ ଭୀଷ୍ମପର୍ବରେ ଅର୍ଜୁନଙ୍କ ଦୁର୍ଗାସ୍ତୋତ ଅବତାରଣା କରିଛନ୍ତି। ଚଣ୍ଡୀ ପୁରାଣରେ ଦୈତ ମହିଷାସୁରର ବିନାଶ ପାଇଁ ଧରା ପୃଷ୍ଠରେ ମହାମାୟା ଦୁର୍ଗାଙ୍କ ଆବିର୍ଭାବର ପ୍ରସଙ୍ଗ ବଡ ଚମତ୍କାର ଭାବେ ବର୍ଣ୍ଣନା ହୋଇଛି। କବି ବଳରାମ ଦାସ ମଧ୍ୟ ରାମାୟଣରେ ଶ୍ରୀରାମଚନ୍ଦ୍ର ଯୁଦ୍ଧରେ ରାବଣକୁ ପରାଜୟ କରିବା ନିମନ୍ତେ ଶ୍ରୀଦୁର୍ଗାଙ୍କୁ ଅର୍ଚ୍ଚନା କରିଥିବାର ବର୍ଣ୍ଣନା ରହିଛି। କଥିତ ଅଛି ପ୍ରବଳ ପ୍ରତାପୀ ରାବଣର ବିନାଶ ସାଧନ ନିମନ୍ତେ ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ର ଦେବୀଙ୍କୁ ଅକାଳରେ ଆବାହନ କରିଥିଲେ। ଦେବୀ ଉପାସନାରେ ସନ୍ତୁଷ୍ଟ ହୋଇ ସପ୍ତମୀ ତଥିରେ ରାମଚନ୍ଦ୍ରଙ୍କ ଧନୁର୍ବାଣରେ ପ୍ରବେଶ କଲେ। ମହାଶକ୍ତିଙ୍କ ଆବିର୍ଭାବ କାଳରେ ରାବଣଙ୍କୁ ଶ୍ରୀରାମ ବଦ୍ଧ କରି ଦେବୀ ସୀତାଙ୍କୁ ଉଦ୍ଧାର କଲେ। ଏହି ମହାବିପଦ ଅପସରି ଯାଇଥିବାରୁ ତହିଁ ପରଦିନର ନାମ ମହାଅଷ୍ଟମୀ ରହିଛି। ଏଥିରେ ଲେଖା ଯାଇଛି-

‘ମହାବିପତ୍ତାର କତ୍ୱାଦ୍
ଗାୟତେ ଦ୍ୱସୌ ମହାଷ୍ଟମୀ
ମହାସମ୍ପଦଦାୟକ
ତ୍ୱାତ ସା ମହାନବମୀ।’

ଦଶମୀ ତିଥିରେ ଶ୍ରୀରାମ ବିଜୟ ଉତ୍ସବ ପାଳନ କରିଥିଲେ। ଏହି ଦିବସଟି ସର୍ବ ଶୁଭପ୍ରଦ ତିଥି ଭାବେ ଓଡିଶାର ପୁରପଲ୍ଲୀରେ ଗୃହୀତ। ଓଡିଶାର ପାଇକମାନେ ଏହିଦିନ ଅସ୍ତ୍ରଶସ୍ତ୍ର ପୂଜା କରିଥାନ୍ତି।

ସେ ଯୋଗମାୟା, ମହାମାୟା, ମହାକାଳୀ। ଏହି ଶାରଦୀୟ ଦୁର୍ଗାପୂଜାରେ ଓଡିଶାର ବିଭିନ୍ନ ପୂଜାପୀଠ ମାନଙ୍କରେ ଆଶ୍ୱୀନ ଶୁକ୍ଳ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ମୃଣ୍ମୟୀ ଦେବୀଙ୍କ ଠାରେ ବିଲ୍ୱାଧୀବାସ, ନବପତ୍ରିକା, ସନ୍ଧି, ଅପରାଜିତା ଓ କୁମାରୀ ପୂଜା ଆଦି ବିଶେଷ ପୂଜା କରାଯାଏ। ପ୍ରଥମେ ବିଲ୍ୱ ବୃକ୍ଷରେ ଦେବୀଙ୍କୁ ଆବାହନ କରାଯାଏ। ନବପତ୍ରିକା ପୂଜାରେ ନଅ ପ୍ରକାର ଉଦ୍ଭିଦ ମଧ୍ୟରେ ବିଲ୍ୱଶାଖା ଅନ୍ୟତମ। ବୃହକର୍ମ ପୁରାଣରେ ବର୍ଣ୍ଣନା ଅଛି, ଅଷ୍ଟମୀ ଓ ନବମୀ ତିଥିର ସଂଯୋଗ କାଳରେ ଯେଉଁ ବିଶେଶ ପୂଜା ହୁଏ, ତାହା ହେଉଛି ସନ୍ଧି ପୂଜା। ସେହିଠାରେ ଦେବୀ ସାକ୍ଷାତ ଆବିର୍ଭୂତା ହୁଅନ୍ତି। କୁମାରୀ କନ୍ୟାକୁ ନବବସ୍ତ୍ର ପରିଧାନ କରାଇ ଦେବୀ ଜ୍ଞାନରେ ପୂଜା କରିବା ହିଁ କୁମାରୀ ପୂଜା। ସପତ୍ର ଶାଖା ଯୁକ୍ତ ନଅଗୋଟି ଗଛକୁ ଯୋଡା ବେଲ ସହ ଅପରାଜିତା ଲତାରେ ବାନ୍ଧି ଲାଲ ଶାଢୀ ଦ୍ୱାରା ଏକ ବଧୂ କଳ୍ପନାରେ ଆଦୃତ କରିବା ବିଧି ହେଉଛି - ଅପରାଜିତା। ଓଡିଶାରେ ଦୁର୍ଗା ପୂଜା ବହୁ ପ୍ରାଚୀନ। ଏହି ପୂଜାରେ ଖଣ୍ଡାୟତର ଖଣ୍ଡା, ନାପିତର ଖୁର, କରଣର ଲିଖନୀ, ରଜକର କୁରାଢୀ ଓ ବିଭିନ୍ନ ବୃତ୍ତିକାର ମାନଙ୍କର ବୃତ୍ତି ସଂରଜାମ ଇତ୍ୟାଦି ମହାସପ୍ତମୀ ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ପୂଜା ହୋଇଥାଏ। ମାତୃ ଆଶିଷ ପ୍ରାପ୍ତ କରି ଅସ୍ତ୍ରଶସ୍ତ୍ରର ଅନୁକରଣ ହୁଏ, ସେହି ବିଜୟା ଦଶମୀ ଦିନ। ଦେବୀ ଦୁର୍ଗା କେବଳ ସୃଷ୍ଟିର ପାଳନକର୍ତ୍ତା ବା ସଂହାରିଣୀ ଶକ୍ତି ନୁହନ୍ତି, ଏହି ମଙ୍ଗଳମୟ ସୃଷ୍ଟିର ସେ ମଙ୍ଗଳଦାତ୍ରୀ। ବସ୍ତୁବାଦୀ ମଣିଷର ନାସ୍ତିବାଦୀ ହୃଦୟ ଭିତରେ ଏହି ଦୁର୍ଗା ପୂଜା ହିଁ ଭକ୍ତି ଭାବନାର ଉଦ୍ରେକ କରି ଚାଲିଛି। ଏ ପୂଜା ମନୁଷ୍ୟ ସମାଜରେ ଭରି ଦେଇଛି, ପୂର୍ଣ୍ଣ୍ୟ ପବିତ୍ରର ବାରିଧାରା, ପ୍ରେମ ପ୍ରୀତିର ସୁଗନ୍ଧ, ସତ୍ୟ-ଧର୍ମ-ଦୟାର ଚିନ୍ତନ ଏବଂ ଶାନ୍ତି, ମୈତ୍ରିର କିଲ୍ଲୋଳ। କରୁଣାମୟୀ ମାଆ ସମସ୍ତ ଦୁର୍ଗତିରୁ ଏ ଜାତିକୁ, ଏ ଦେଶକୁ ତଥା ପ୍ରତ୍ୟେକ ଜନସାଧାରଣଙ୍କୁ ରକ୍ଷା କରିଥାନ୍ତୁ। ଏତିକି ପ୍ରାର୍ଥନା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## ନିରବ ଚେତନା

ଅବନୀ ଚନ୍ଦ୍ର ଦାସ

ପୂଜା ପାର୍ବଣ, ରୋଷଣୀ ଆଲୁଅ, ବାଜା ବାଣ, ନାଚଗୀତର ମାହୋଲ, ଉତ୍ସବ ମୁଖର ସାହି ବସ୍ତି, ପଲ୍ଲୀ, ନଗର ସହର ସବୁଠି ଭିଡ଼। ଚାରିଆଡେ ଆନନ୍ଦ ଉଲ୍ଲାସ। ହେଲେ ଏ ସବୁ ମଧ୍ୟରେ ମୁଁ କାହିଁକି ନିଜକୁ ଏକା ଅନୁଭବ କରେ ?

ଲୋକେ ହସୁଛନ୍ତି, ନାଚୁଛନ୍ତି, ପିଲାଏ ଖେଳୁଛନ୍ତି, ବୁଲୁଛନ୍ତି, ସାଙ୍ଗ ସାଥି ହୋଇ ଫଟୋ ଉଠାଉଛନ୍ତି। କିନ୍ତୁ, ମୋତେ ଲାଗେ ଏ ସବୁ ତୁଚ୍ଛ। ଏକ ଅଦୃଶ୍ୟ ପରଦା ଯେମିତି ମୋତେ ଏଭଳି ମାହୋଲ ଠାରୁ ଅଲଗା କରି ଦେଉଛି। ମୋର ଇଚ୍ଛା ହୁଏ ଏକାନ୍ତରେ, ନୀରବରେ ବସିବାକୁ। କାହା ସହ କଥା ନହୋଇ, କେବଳ ନିଜ ସହ ରହିବାକୁ। ବୋଧ ହୁଏ, ମୋ ପାଇଁ ଏହା ବିଚ୍ଛିନ୍ନତା ନୁହେଁ, ଏହା ଏକ ଚେତନା।

ଆମେ ଯେତେବେଳେ ଉତ୍ସବର ଉତ୍ସ ଭୁଲି କେବଳ ବାହ୍ୟ ଆଡମ୍ବରରେ ମାତି ଯାଉ ଆଉ ମଜ୍ଜି ଯାଉ, ସେତେବେଳେ ଭିତରଟା ଶୂନ୍ୟ ହୋଇଯାଏ। ଚାକଚକ୍ୟ, ବେପରୁଆ ଆଧୁନିକ ଶୈଳୀ, ଦେଖାଣିଆ ପ୍ରତିଯୋଗିତା- ଏ ସବୁର ପରବର୍ତ୍ତୀ ପରିଣାମ କ'ଣ ହେବ ? ଏ ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ କରେ, ଭାରାକ୍ରାନ୍ତ କରି ପକାଏ। ମୁଁ ଡରିଯାଏ- ସତରେ ଆମର ଗତି କୁଆଡ଼େ ?

ସେଇ ଅଜ୍ଞାତ ଭୟରୁ ହିଁ ଜନ୍ମ ନିଏ ପ୍ରାର୍ଥନା।

ସମସ୍ତ କୋଳାହଳ ଭିତରେ ଅଚାନକ ମୋ ହାତ ଆପେ ଆପେ ଈଶ୍ୱରଙ୍କ ଆଡକୁ ଟେକି ହୋଇଯାଏ। ମୁଁ ଆଉ ମନକୁ ମନ ଯୁକ୍ତି କରେନା, ସମର୍ପଣ କରେ। ଏକ ବିନୀତ ନିବେଦନ କରେ- 'ପ୍ରଭୁ, ମୋତେ ରାହା ଦେଖାଅ।'

ଆଉ ସେଇ ସଭକ୍ତି ସମର୍ପଣରେ ଆସେ କୃତଜ୍ଞତା; ଏହି ଏକାନ୍ତ ଅନୁଭବ ପାଇଁ, ଏହି ନୀରବ ହେବାର ସୌଭାଗ୍ୟ ପାଇଁ। ହୁଏତ, ଉତ୍ସବର ପ୍ରକୃତ ଅର୍ଥ ବାହାରେ ନୁହେଁ, ନିଜ ଅନ୍ତର ଭିତରେ ଥାଏ । ଭିଡ ଭିତରେ ନୁହେଁ, ଏକାନ୍ତରେ। ଶବ୍ଦରେ ନୁହେଁ, ନୀରବତାରେ। ଯେଉଁମାନେ ଉତ୍ସବ ଭିତରେ ନିରବ ହେବାକୁ ଶିଖିଛନ୍ତି, ସେଇମାନେ ହିଁ ଈଶ୍ୱରଙ୍କ ସବୁଠୁ ସମୀପରେ ଥିବାର ଅନୁଭବ ପାଇପାରନ୍ତି । ତେଣୁ, ଏ ଅନୁଭବରେ ତ୍ରସ୍ତ ହେବାର କାରଣ ନାହିଁ । ବରଂ ଏହାକୁ ଆନନ୍ଦରେ ଆଲିଙ୍ଗନ କରାଯାଇପାରେ। ଏହା ବିଷାଦ ନୁହେଁ, ଏହା ଅନ୍ତଃ ଚେତନାର ଜାଗରଣ।

*କୁମୁଡ଼ା ଜୟପୁର, ମାହାଙ୍ଗା, କଟକ*
*ଦୂରଭାଷ:୯୯୩୭୫୩୭୯୭୪*

## କହଲୋ ଜହ୍ନ ତୋ ବୟସ କେତେ !

ନଳିନୀ ଦାଶ



କହଲୋ ଜହ୍ନ ତୋ ବୟସଟା କେତେ !
ଦିଶୁ ତରୁଣୀଙ୍କ ପରି
ତୋ ରୂପ ଯୌବନେ ମୋହୁ ତୁ କାହାର
ସାଜିଅଛୁ ଅଭିସାରୀ ।

ଆକାଶ ବୁକୁରେ ଉଇଁ ଗଲାପରେ
ହସ ତୋ ପଡୁଛି ଝରି
ଜହ୍ନଲୋ ଜହ୍ନ ତୋ ରୂପ ଗୁଣେ ତୋର
କେହିତ ହେବେନି ସରି ।

ଶୁଣିଥିଲି କାନେ ପୁରାଣ ପୋଥିରୁ
ସାଗରରୁ ତୋର ଜାତ
ସଞ୍ଜ ନଇଁ ଗଲେ ଜୋଛନା ଢାଳିଲେ
ଧରା ହୁଏ ଆଲୋକିତ ।

ଶୀତଳ ପରଶ ପାଇବା ପାଇଁକି
ଚାହେଁ ଅଭିମାନୀ କଇଁ
ସରସୀର ଜଳେ ମୃଦୁ ସମୀରଣେ
ନାଚେ ନଭେ ଗଲେ ଉଇଁ ।

କହଲୋ ଜହ୍ନ ତୋ ଦେହରେ କିଏ ସେ
ଭରିଅଛି ନବ ଶୋଭା
ଯେତେ ଦେଖୁଥିଲେ ମନ ଭରେ ନାହିଁ
ଲାଗୁଅଛୁ ମନଲୋଭା ।

ଛାଇ ଖେଳ ପରି ପକ୍ଷେପକ୍ଷେ ତୁହି
ଦେଖାଦେଉ ଛଅମାସ
କେଉଁ ଯାଦୁ ବଳେ ସବୁରି ଓଠରେ
ଫୁଟାଇ ପାରୁତୁ ହସ ।

ଅଝଟ ହୋଇଲେ ଛୁଆକୁ ଦେଖାଏ
ମାଆ ତତେ ରୁପାଜହ୍ନ

ଭାବି ପାରେ ନାହିଁ କାହିଁକି ତୋ ଦେହେ
ରହିଛି କଳଙ୍କ ଚିହ୍ନ ।

କବିର ନିଶୃତ ଲେଖନୀ ମୁନରୁ
ମଧୁର କବିତା ଝରେ
ପ୍ରେମିକଟିଏ ତା ପ୍ରେମିକା ପାଇଁକି
ଗୀତ ଗାଏ ତାଳ ସୂରେ ।

କୁଆଁରୀ ପୂଜନ୍ତି କୁମାର ପୂର୍ଣ୍ଣମୀ
ତିଥିରେ ତତେଲୋ ଜହ୍ନ
ସବୁଠୁ ସୁନ୍ଦର ଦିଶୁ କିଣିନେଉ
ଅନୁଢ଼ା କୁଆଁରୀ ମନ ।

ତାରାଗଣ ମେଳେ ଆସର ଜମେଇ
ଖେଳୁ କେତେ ଲୁଚକାଳି
ବାଦଲ ଫାଙ୍କରୁ ତୋଫା ମୁହଁ କାଢି
ଜୋଛନା ଦେଉତୁ ଢ଼ାଳି ।

ଆମ ଦେଶ ଶିଶୁ ତତେ ଛୁଇଁବାକୁ
ପଢ଼ିଲେ ବସି ବିଜ୍ଞାନ
ଜ୍ଞାନ କଉଶଳ ବଳେ ତୋ ରାଇଜେ
ଯାଇ ରଖିଲେଣି ମାନ ।

ହାତ ଠାରି ମାଆ ଡାକି ଆଣିଥାଏ
ଛୁଆର ହାତକୁ ତୋଳି
ଜହ୍ନଲୋ କିଏ ତୋ ରୂପ ଗୁଣ ସାଥେ
ବୟସ ପାରିବ କଳି ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*



## ହସେ ପଦୁଅଁ କଢ଼ି

ଜଗଦୀଶ ସାହୁ

ଧରାକୁ ଚାଷୀ ପିନ୍ଧେଇ ଦେଲା
ସବୁଜ ପାଟ
ଫୁଲେଇ କାଶ ନଈ ପଠାରେ
କରୁଛି ନାଟ
ସଫା ଦିଶୁଛି ବାଟ
ସଜ ପରିବା ଶାଗରେ ହସେ
ଆମଗାଁ ହାଟ ॥

ଆକାଶେ ନାହିଁ ମେଘ ପସରା
ବାଦଲ ରଡି
ଶାନ୍ତ ମୂରତି ଧରିଛି ନଈ
ଆସୁନି ବଢ଼ି
ହସେ ପଦୁଅଁ କଢି

ମାଆ ଆସିଛି ଗଜ ବାହନ
ପିଠିରେ ଚଢି ॥

ଗାଆଁ ସହର ଲାଗେ ସୁନ୍ଦର
ଆହାଃ କି ମଜା
ନାନା ରଙ୍ଗର ନାନା ଢଙ୍ଗର
ତୋରଣ ସଜା
ଢୋଲ ବାଇଦ ବଜା
ଭକତି ଭରେ ଭକତ କରେ
ମାଆର ପୂଜା ॥

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

## ଆସ ମାତା ଗଜଲକ୍ଷ୍ମୀ

ନିରଞ୍ଜନ ସାହୁ

ଆସ ପଦ୍ମାଳୟା ସାଗର ତନୟା
ଧରାବତରଣେ ଆସ
କୁମାର ପୂର୍ଣ୍ଣିମା ଆସିଛି ଜନନୀ
ଶରତେ ଅଶିଣ ମାସ ।

କୁମାରୋତ୍ସବର ମଙ୍ଗଳ ମୁହୂର୍ତ୍ତେ
କର ଦେବୀ ପଦପାତ
ତବ ଆଗମନେ ଧନ୍ୟ ହେବ ଧରା
ଆସନ୍ତୁ ହେ ଲୋକମାତ
ଅପେକ୍ଷା କରନ୍ତି ସନ୍ତାନ ସକଳେ
ଏ ପାର୍ବଣ ଅବକାଶ ।

ସନ୍ତାନବତ୍ସଳା ସନ୍ତାନର ଦୁଃଖ
ଆରତ ଚିତ୍କାର ଶୁଣ
ତବ କରୁଣାରେ ଦୂର ହେବ ମାତ
ସନ୍ତାନର ବଦଗୁଣ
ଦେବୀ ପଡ଼ିଦାତ୍ରୀ କ୍ଷୁଧା ଦୂରକର
ଅର୍ଥାଭାବ କର ନାଶ ।

କ୍ଷେତରେ କ୍ଷେତରେ ଭରିଯାଉ ଶସ୍ୟ
ଯେପରି ପ୍ରଚୁର ଫଳେ
ଚାଷୀର ଓଠରେ ହସ ଖେଳୁ ମାତ
ତବ କରୁଣାର ବଳେ
ଦେବୀ ଅନ୍ନପୂର୍ଣ୍ଣା ଧନ୍ୟ ହେଉ ଚାଷୀ
ଧନ୍ୟ ମଧ ହେଉ ଚାଷ ।

ଦେବୀ ଗଜଲକ୍ଷ୍ମୀ ଗଜ ଆରୋହୀଣ
ଆସନ୍ତୁ କୁମାରୋତ୍ସବେ
ସୁଧାମୟ ମଧୁମୟ କରିଯାନ୍ତୁ
ପ୍ରାର୍ଥନା ବାଢୁଛୁ ସ୍ତବେ
ତବ ସୁଦୟାରେ ବୁଭୁକ୍ଷୁ ଓଠରେ
ଖେଳୁ ଟିକେ ଦରହାସ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*



## ଶକ୍ତି ସ୍ୱରୂପା ପଦ୍ମାକ୍ଷୀ...

ରାମଚନ୍ଦ୍ର ବେହେରା



ଆଶ୍ୱିନ ପୂର୍ଣ୍ଣମୀ ଶୁଭ ଲଗନରେ
ଆସିବେ ମା' ସୁପ୍ରସନ୍ନା
ସ୍ୱଚ୍ଛ ନିରିମଳ ଶାରଦୀୟ ଶଶୀ
କରେ ତାଙ୍କ ଅଭ୍ୟର୍ଥନା
ମଣ୍ଡପ ହେଉଛି ସଜା

ଉତ୍କଳ ରାଇଜ ଉଠୁଛି ପଡୁଛି
ହେବ ତାଙ୍କ ଭବ୍ୟ ପୂଜା।
ଗଜ ବାହନରେ ଆସୁଛନ୍ତି ମାତା
ହସ୍ତେ ଶୋହେ ପ୍ରିୟ ପଦ୍ମ
ଶ୍ରଦ୍ଧାଳୁ ପୂଜିବେ ସତ୍ୟନିଷ୍ଠ ଚିତ୍ତେ

ମିଳିବ ଐଶ୍ୱର୍ଯ୍ୟ ଧନ
ମାତାଙ୍କ କରୁଣା ବଳେ
ଦୁଃଖ ଦାରିଦ୍ର୍ୟତା ଦୂର ହୋଇଯିବ
ଭବରଂଗ ଭୂମି ତଳେ।
ସମୁଦ୍ର ମନ୍ଥନ ସମୟରେ ମାତ
ଅମୃତ କଳସ ଧରି
ଧରାକୁ ଆସିଲେ ସହର୍ଷ ବଦନେ
ସୁଖ ସମୃଦ୍ଧି ଆବୋରି
ଶକ୍ତି ସ୍ୱରୂପା ପଦ୍ମାକ୍ଷୀ
ମଣ୍ଡପେ ମାତାଙ୍କ ଅପରୂପା କାନ୍ତି
ଦେଖି ଆଖି ଯିବ ଲାଖି।
ଭକ୍ତିଭାବ ଦେଖି ଧର୍ମକୁ ପରଖି
ଢାଳିବେ ମା' କୃପା ବାରି
ନିର୍ଦ୍ଧନୀ ହୋଇବ ଧନୀ ସୌଦାଗର
ଦୁଃଖ ଯିବ ଅପସରି
ଆସ ଆମେ ସର୍ବେ ମିଳି
ସତ୍ୟ ନ୍ୟାୟ ଧର୍ମ ଆଦରନ୍ତୁ ଜନେ
ମାତାଙ୍କୁ କରିବା ଅଳି।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



## ଜୀବନ ହୋଇଛି ଧନ୍ୟ

ପ୍ରଶାନ୍ତ କୁମାର ନାୟକ

ତୋଭଳି ବନ୍ଧୁଟେ ପାଇଛି ଜୀବନେ
ହୋଇଛି ଜୀବନ ଧନ୍ୟ,
କେଉଁ ଜନମର ତପସ୍ୟା କେଜାଣି
କେଉଁ କରମର ପୂଣ୍ୟ ।

ଦୁଃଖ ଶୁଣିବାକୁ ନାହିଁ କେହି ମୋର
ତୋ ବିନା ଜଗତ ନାଥ,
ଜାଣିନାହିଁ ମୁଁ ଯେ କେତେଦୂର ଆଉ
ଗଡିବ ଜୀବନ ରଥ ।

ତୁ ନିଜେ ଗଢିଛୁ ଅମୃତ ସଂସାର
ମାନବ ସାଜିଛି ବିଷ,
ବିଷକୁ ବିଷରେ କାଢିଦେ କାଳିଆ
ଦୁନିଆ ହେବନି ଶେଷ ।

ଆଜିର ଦୁନିଆ କଳୁଷିତମୟ
ବରଷାଅ ବ୍ରହ୍ମ ଜ୍ଞାନ,
ତୁମେ ହିଁ ସମସ୍ୟା ତୁମେ ସମାଧାନ
ତୁମେ ପୁଣି ସଂଶୋଧନ ।

ଆଶୀର୍ବାଦ କର ପ୍ରଭୁ ଚକ୍ରଧର
ହରି ନିଅ ଦୁଃଖ ମୋର,
ଅନ୍ୟାୟ ପଥକୁ ପାଦ ମୋ ନଯାଉ
ଏତିକି ସୁଦୟା କର ।

*ୟୁନିଟ୍-୦୫, ଭୁବନେଶ୍ୱର*
*ଫୋନ୍-୮୨୪୯୬୫୦୪୧୪*



## କୁଆଁର ପୁନେଇଁ ଗୀତ

ପୁଷ୍ପଲତା ଦାସ

କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ,
କୁଆଁରୀ ଝିଅଙ୍କ ମନ ଉଛନ୍ନ ଗୋ ଫୁଲ ବଉଳବେଣୀ ।
ପୁନେଇଁ ପରବ କୁମାର ଉତ୍ସବ କୁଆଁରୀ ଝିଅଙ୍କ ମେଳି,
ସକାଳୁ ଗାଧୋଇ ସଜବାଜ ହୋଇ ଟେକି ଦିଅନ୍ତି ଅଞ୍ଜଳି ।
ଅଗଣାରେ ଚିତା ମୁରୁଜ ପକାଇ କଳସ ହୁଅଇ ସଜା,
ଖଇ, ଆଖୁ, ଗୁଆ, କଦଳୀ, ନଡ଼ିଆ ଆଞ୍ଜୁଳି ଟେକ ପୂଜା ।
ସୂରୁଜ ବୁଡିଲେ ଚାନ୍ଦ ଉଇଁଲେ ତୁଳସୀ ଚଉରା ମୂଳେ,
କୁଆଁରୀ କନିଆଁ କରେ ଚାନ୍ଦପୂଜା ବସି ସଞ୍ଜବତି ଜାଳେ ।
ଗାଁ ଝିଅ ମାନେ ହରଷିତ ମନେ ଦୁଆରେ ଖେଳନ୍ତି ପୁଚି,
ପୁନେଇଁ ଜହ୍ନର ଆଲୁଅରେ ରାତି ପାହି ଯାଏ ନାଚି ନାଚି ।
ଇଏ ତ' ଆମର ଓଡ଼ିଆ ଘରର ସଂସ୍କୃତି ଓ ପରମ୍ପରା,
କୁଆଁର ପୁନେଇଁ ଗୀତ ଶୁଭୁନାହିଁ ବାଜୁଛି ଡିଜେ ନାଗରା।
ସାଥୀ ହୋଇ ଆମେ ଗାଇବା ଆସରେ କୁଆଁର ପୁନେଇଁ ଗୀତ
ବଞ୍ଚାଇ ରଖିବା ପରମ୍ପରା ଗାଥା ସୁର ତାଳେ କରି ନୃତ୍ୟ ।

## ଉଡ଼ଇ ମା'ଙ୍କ ଧ୍ୱଜା

ନଗେନ୍ଦ୍ରନାଥ ପଟ୍ଟନାୟକ

ଖେଳ ସରିଗଲା ଶରତ ଋତୁର
ହେମନ୍ତ କରିଲା ରାଜ
ମଣ୍ଡପରେ ମା' ଗଜଲକ୍ଷ୍ମୀ ଦେବୀ
ମନଲୋଭା ସଜବାଜ ।।

ଆକାଶୁ ଖସଇ ଶିଶିର ବୁନ୍ଦାଏ
ସତେକି ମୋତିର ମାଳ
ବିତରିବେ ମା' ମରତବାସୀଙ୍କୁ
ଆଶିଷ, ଅମୃତ-ନୀର ।।

ମୁହଁସଞ୍ଜ ବେଳେ ଗଙ୍ଗଶିଉଳିଏ
ଉଙ୍କିମାରେ ଗଛେ ଫୁଟି
ଅତାର ବାସନା ଚହଟାଇ ଦିଏ
ଆଖପାଖ ଚଉକତି ।।

ଆଲୋକର ମାଳେ ତୋରଣ ତ ଝଲେ
ବାଜଇ ମହୁରୀ ବାଜା
ମଣ୍ଡପର ଶୋଭା କେଡେ ମନଲୋଭା
ଉଡ଼ଇ ମାଙ୍କ ଧ୍ୱଜା ।।

ବିଜେ କରନ୍ତି ମା' ମରତ ଧାମରେ
ଆଶିଷର ଘଡି ଧରି
ଦର୍ଶନ ଦିଅନ୍ତି ଭକତ ଜନଙ୍କୁ
ଆଶିଷର ବର୍ଷାକରି ।।

ଆସ ଆସ ଆମେ ପୂଜିବା ମା'ଙ୍କୁ
ସରବେ ଭକତି ମନେ
ଦୂର କରିବାକୁ ରାଗ ରୋଗ ହିଂସା
ଗୁହାରିବା ମନଧାନେ ।।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର*
*ମୋ- ୯୪୩୮୩୩୨୧୩୮*

## ସାଥୀ

ସୁଚିତ୍ରା ଗୋଚ୍ଛାୟତ

ହୃଦୟ ଭିତରେ ରଖି ଯେ ତୁମକୁ
ବାହାରେ ଖୋଜୁଛି ମନ,
ସ୍ୱପ୍ନରୁ ଆସି ଯେ ପାଖରେ ମୋ ବସି,
ଛୁଇଁ ଦିଅ ମୋତେ ଧନ...

ଆଖିରେ ଚମକ, ଓଠରେ ମୋ ହସ
ଲାଜରେ ପାରୁନି ରହି,
ହାତ ଧରି ସେଇ ଅକୁହା କଥାକୁ,
କହିଦିଅ ମୋତେ ଚାହିଁ...

ସବୁଠି ଝୁଣ୍ଟୁଛି ପ୍ରେମର - ବୟସ
ଏରୁଣ୍ଡି ଡେଇଁବା ପରେ,
ବଞ୍ଚିଛି ଖାଲି ମୁଁ ନାଁ କୁ ସିନା ଯେ,
ପ୍ରତି ମୁହୂର୍ତ୍ତରେ ମରେ...

ଅବୁଝା ହେଉଛି ସ୍ପନ୍ଦନ ଯେ ମୋର
ଅକୁହା ହେଉଛି ତାତି,
ଶୋଇଯାଇଛି ଏ ସହର ତଥାପି,
ମୁହୂର୍ତ୍ତେ ପାରୁନି ବିତି...

ଜହ୍ନର ଶୀତଳ ଛାୟାରେ ଭିଜିବି
ଜଳଉଛି ଏଇ ରାତି,
ଅପେକ୍ଷା ରହିଲା ସ୍ୱପ୍ନରେ ତୁମକୁ,
ସାଥୀ - ତୁମ ପାଇଁ ଏଇ ରାତି...

*ବାଲେଶ୍ୱର, ଓଡ଼ିଶା*
*ମୋ-୮୯୧୭୨୫୧୩୮୮*

## ଚକ୍ର

ଡ. ଦୀପକ କୁମାର ମିଶ୍ର



ତୁମେ ଫେରିବ ତ
ବନସ୍ତରୁ, ବିହାରରୁ, ବ୍ୟଭିଚାରିତାରୁ
ହାଟରୁ, ଘଟରୁ, ଘା ଘଉଡ଼ାର ଘର୍ମାକ୍ତ ମଞ୍ଚରୁ
ଯଜ୍ଞ, ଯଜମାନ, ଯୁଦ୍ଧ, ଜିଜୀବିଷାରୁ
ଅତଏବ, ମୁଁ ଏମିତି ଆଞ୍ଜୁଳାଏ ଆଲିଙ୍ଗନ ଢାଳି
କୋଳେଇନେବି ପୁଣି
ରେରେକାର ଭୋଗୁଥିବା ରୁଦ୍ଧ ହୃଦୟରେ ।

ଜାଣେ, ପ୍ରତିଟି ଆଲିଙ୍ଗନକୁ କ୍ଷୁବ୍ଧ କରିଛ,
କ୍ଷତାକ୍ତ କରିଛ ଦେହ, ଦିଗ, ଦୃଷ୍ଟି
ସତତ ସ୍ନେହର ସ୍ରୋତରେ ବନ୍ଧ ବାନ୍ଧି
ଭିଆଇଛ ଲୁହ, ଲହୁର ଆଦିମ ବନ୍ୟା
ଢେଉମାନଙ୍କୁ ପରମାୟୁ ଦେଇ ଭାଙ୍ଗିଦେଇଛ ଘରଦ୍ୱାର
ନାରଖାର କରିଛ ନିର୍ବାଣର ତପୋବନ
ଦାଉସାଧି ଭାଙ୍ଗିଦେଇଛ ଭଗ୍ନ ଉଆସର ସମସ୍ତ ପ୍ରାଚୀର ।

ତଥାପି ନିଥର ମୁହୂର୍ତ୍ତମାନଙ୍କୁ ସ୍ଥବିର କରି
ଭୋଗିବାକୁ ଚାହେଁ ପ୍ରେମ, ପ୍ରତିଧ୍ୱନି, ପରାଧୀନତା
ଅସୂୟାକୁ ସ୍ୱୀକାର କରି ବଞ୍ଚିବାକୁ ମିଛ ଦୃଢ଼ୋକ୍ତିରେ ।

ତୁମର ଅସ୍ଥିର ପାଦର ପ୍ରହାରରେ ମୁଁ ଚିତ୍ ପଟାଙ୍ଗ
ଫେରି, ତୁମେ ଫେରିଯିବ
ମନସ୍ତାପଗୁଡ଼ିକୁ ସାନ୍ତ୍ୱନା ଦେଇ ଅନେଇଥିବି
ପୁଣି ତୁମର ଆଉଥରେ ଫେରିବା ବାଟକୁ ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*



## ବାଘ ପାଇଁ ମୁଠେ ଗୀତ

ଦେବାଶିଷ ଚକ୍ରବର୍ତ୍ତୀ

**ଶିକାର**
ପେଟର ନିଆଁକୁ ଲିଭାଇବା ପାଇଁ
ବାଘ ସିନା କରିଥାଏ ଶିକାର
ମଣିଷପଣର ଶିକାର କରଇ
ନିର୍ବିକାରରେ ସ୍ୱାର୍ଥପର।

**ସଂରକ୍ଷଣ**
ବିଶ୍ୱରେ ପ୍ରଥମ ହୋଇଅଛୁ ସିନା
ବାଘ ସଂରକ୍ଷଣ କରିଛୁ ବୋଲି
ବିଚାର କରିଲେ ମନେ କି ଆମର
ତାପରି ସାହାସ ପାରିଛୁ ଭରି ?

**ମଣିଷଖିଆ**
କଦବା କେମିତି କାନରେ ପଡଇ
ବାଘ ସାଜେ ବୋଲି ମଣିଷଖିଆ
ଅଥଚ ଶଠର ପ୍ରବଞ୍ଚନାରେ
ଭାଗ୍ୟ କାଗଜେ କି ଲାଗେନି ନିଆଁ ?

**ହିଂସ୍ର**
ଆମେ ସିନା କହୁ ବାଘ ହେଉଅଛି
ଜଗତେ ସବୁଠୁ ହିଂସ୍ର ବୋଲି
କିନ୍ତୁ କାମୁକର ହିଂସ୍ରତା ତାଠାରୁ
ନୁହଁଇ କି ଶତ ଗୁଣରେ ବଳି ?

**ବଣ**
ଜଙ୍ଗଲରେ ବାଘ ରହିଥିଲେ ସିନା
ବଢ଼ି ଯାଇଥାଏ ତାହାର ଯଶ
ମଣିଷ ଭିତରେ ବାଘ ଥିଲେ କିନ୍ତୁ
କରଇ ସବୁରି ସର୍ବନାଶ ।

*ମଣ୍ଡୁଆ, କେନ୍ଦୁଝର ଗଡ*
*ମୋ-୯୪୩୭୭୫୨୩୯୫*

## ଶାରଦ ପ୍ରତୀକ୍ଷା

ଚନ୍ଦନ କୁମାର ଦାସ



ଅଶିଣ ଆକାଶ ତନୁ ଚିରି ଯେବେ
ଶୀତଳ ଶିଶିର ଝରେ
ତୁମ ପ୍ରତିବିମ୍ବ ଭାସି ଉଠେ ପ୍ରିୟା
ହୃଦୟର ମନ୍ଦ୍ର ତୀରେ

କାହାକୁ କହିବି ମୋ ମନ ବେଦନା
କିଏ ବା ନିଜର ଏଠି
ସଞ୍ଜ ନଇଁଗଲେ ବ୍ୟାକୁଳ ଅନ୍ତରେ
ଖୋଜେ ତୋ ପୁରୁଣା ଚିଠି

ଲୁହର ଦୀପାଳି ଜାଳି ସାରା ରାତି
ଆଙ୍କେ ତୋ ଆନନ ପ୍ରୀତେ
କହିବି କେମିତି ଭଲପାଏ ସେତେ
କଇଁକୁ ଆକାଶ ଯେତେ

ଶରତ ଆକାଶ ଶୁଭ୍ର ରାଜପଥେ
ଫେରିଗଲେ ମେଘମାଳା
ତୋ ଫେରିବା ପଥ ଅନାଇ ଅନ୍ତରେ
ପାଏ ବିରହର ଜ୍ୱାଳା

ବିରହ ବିଧୁରା ତଟିନୀ ସୁଖରେ
ଫୁଟି ଉଠେ କାଶଫୁଲ
ଫୁଟିଯା ଲୋ ପ୍ରିୟା ପ୍ରିୟ ଅଗଣାରେ
ରଖିବାକୁ ପ୍ରିୟ ମୂଲ

ତୋ ରୂପ ରସନା ପାନ କରି ପ୍ରିୟ
ପାଇବ ଅନନ୍ତ ତୃପ୍ତି
ଶାରଦ ପ୍ରତୀକ୍ଷା ହେବ ମଧୁମୟ
ଶୁଭିବ ପ୍ରେମର ଗୀତି।

*ଆରୁହିବୃତ୍ତି, ଭୋଗରାଇ, ବାଲେଶ୍ୱର*
*ଦୂ.ଭା-୮୧୧୪୩୪୫୯୮୮*

# ବିଶ୍ୱ ରେକର୍ଡ ସହ ସନ୍ଦୀପ, ହାନେଙ୍କୁ ମିଳିଲା ସ୍ୱର୍ଣ୍ଣ




**ନାଗୋୟା**

ଭାରତୀୟ ଆଥ୍‌ଲେଟ୍ ସନ୍ଦୀପ ଓ ହାନେ ଏଠାରେ ଚାଲିଥିବା ଏସୀୟ ପାରା କ୍ରୀଡ଼ାରେ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଶୁକ୍ରବାର ସନ୍ଦୀପ ପୁରୁଷ ୪୦୦ ମିଟର ଟି୪୭ରେ ଏବଂ ହାନେ ଜାଭଲିନ୍ ଥ୍ରୋ ଏଫ୍‌୩୭/୩୮ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୪୦୦ ମିଟର ଫାଇନାଲ୍‌ରେ ସନ୍ଦୀପ ୫୨.୨୮ ସେକେଣ୍ଡରେ ରେସ୍ ଶେଷ କରି ବିଶ୍ୱ ରେକର୍ଡ କରିବା ସହ ପୋଡ଼ିୟମ୍‌ର ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ସାଉଦି ଆରବର ନୁର ଆଲ୍‌ସାନା (୫୩.୧୩ ସେକେଣ୍ଡ) ଋତୁ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ ମଧ୍ୟ ସନ୍ଦୀପଙ୍କ ପଛରେ ପଡ଼ି ରୌପ୍ୟ ପାଇଥିଲେ। ଭାରତର ଆଉ ଜଣେ ଧାବିକା ଅଜୟ କୁମାର (୫୩.୬୧ ସେକେଣ୍ଡ) କାଂସ୍ୟ ଜିତିଥିଲେ। ଜାଭ୍‌ଲିନ୍‌ରେ ହାନି ବିଶ୍ୱ ରେକର୍ଡ ଥ୍ରୋ ୬୦.୪୯ ସହ ୧୧୧୬ ରାଜା ପଏଣ୍ଟ ପାଇ ସ୍ୱର୍ଣ୍ଣ କରାୟତ୍ତ କରିଥିଲେ।

ଇରାନର ହର୍ମୋଜ ସେଦିକାଜପେଞ୍ଜି (୫୦.୬୮ ମିଟର, ୧୦୦୯ ପଏଣ୍ଟ) ରୌପ୍ୟ ଓ ଚୀନ୍‌ର ୟୁ ଚେଙ୍ଗଜି (୫୩.୬୬ ମିଟର, ୯୪୩ ପଏଣ୍ଟ) କାଂସ୍ୟ ପାଇଥିଲେ। ମହିଳା ଲଙ୍ଗଜମ୍ପ୍ ଟି୪୭ ଓ ପୁରୁଷ ୧୫୦୦ ମିଟର ଟି୪୬ରେ ଯଥାକ୍ରମେ ନିମିଶା ଚାକୁଙ୍ଗାଲପାରାମ୍ବିଲ (୫.୩୭ ମିଟର) ଓ ପ୍ରମୋଦ ବିଜାର୍ନିଆ (୪ ମିନିଟ୍ ୦୯.୬୫ ସେକେଣ୍ଡ) ରୌପ୍ୟ ଜିତିଥିଲେ।

# ଏସିଆନ ପାରା ଗେମ୍ସ : ରୌପ୍ୟ ପଦକ ଜିତିଲେ ପ୍ରମୋଦ ଭଗତ

**ନାଗୋୟା**

ଏସିଆନ ପାରା ଗେମ୍ସ ୨୦୨୬ରେ ଭାରତୀୟ ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ଶୁକ୍ରବାର ଦିନ ଭାରତର ପାରା-ବ୍ୟାଡ଼୍‌ମିଣ୍ଟନ ଖେଳାଳି ନିତେଶ କୁମାର ପୁରୁଷ ସିଙ୍ଗଲ୍ସ ଏସଏଲ୩ ଫାଇନାଲରେ ନିଜ ଦେଶର ତଥା ପୂର୍ବତନ ପାରାଲିମ୍ପିକ୍ ଚାମ୍ପିଅନ ପ୍ରମୋଦ ଭଗତଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ଏହି ମହାମୁକାବିଲାରେ ନିତେଶ ସିଧାସଳଖ ଗେମ୍‌ରେ ୨୧-୧୮, ୨୧-୧୬ରେ ବିଜୟ ହାସଲ କରିଥିଲେ। ଅନ୍ୟପଟେ ପ୍ରମୋଦ ଭଗତଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହିପରି ଭାବେ ଭାରତ ଏସଏଲ୩ ବର୍ଗରେ ଗୋଲ୍ଡ ଏବଂ ସିଲଭର ଉଭୟ ପଦକ ନିଜ ନାମରେ କରିବାରେ ସଫଳ ହୋଇଛି।




ଭାରତର ନିତେଶ କୁମାର ପୁରୁଷ ସିଙ୍ଗଲ୍ସ ଏସଏଲ୩ ଇଭେଣ୍ଟର ଫାଇନାଲରେ ନିଜ ଦେଶର ପ୍ରମୋଦ ଭଗତଙ୍କୁ ୨୧-୧୮, ୨୧-୧୬ ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ଦୁଇ ପାରାଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତାଙ୍କ ମଧ୍ୟରେ ହୋଇଥିବା ଏହି ମହାମୁକାବିଲାରେ ନିତେଶ ଲଗାତାର ଦୁଇଟି ଗେମ୍ ଜିତି ଟାଇଟଲ୍ ହାସଲ କରିଛନ୍ତି।

ପ୍ରମୋଦ ଭଗତ ଲଗାତାର ତୃତୀୟ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ଜିତିବାକୁ ଲକ୍ଷ୍ୟ ରଖିଥିଲେ, କିନ୍ତୁ ଫାଇନାଲରେ ତାଙ୍କୁ ନିତେଶଙ୍କ ବିପକ୍ଷରେ ପରାଜୟର ସାମ୍ନା କରିବାକୁ ପଡ଼ିଲା। ଟୋକିଓ ପାରାଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ କହିଛନ୍ତି, 'ଏହି ପରିଣାମ ମତେ ବହୁତ ଭଲ ଲାଗୁନାହିଁ, କାରଣ ମୁଁ ଏସିଆନ ଗେମ୍ସରେ ଲଗାତାର ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲି ଏବଂ ଏଠାରେ ତୃତୀୟ ସ୍ୱର୍ଣ୍ଣ ଜିତିବାକୁ ଚେଷ୍ଟା କରୁଥିଲି। ମୋ ପାଖରେ ସବୁ କିଛି ଥିଲା, କିନ୍ତୁ ଆଜି ମୋର କିଛି ଶଟ୍ ଭୁଲ୍ ହୋଇଗଲା ଏବଂ ନିଷ୍ପତ୍ତି ନେବାରେ ମଧ୍ୟ ସାମାନ୍ୟ ତ୍ରୁଟି ରହିଗଲା। ସେଥିପାଇଁ ମତେ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡୁଛି।'

ପ୍ୟାରିସ୍ ପାରାଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ନିତେଶ କହିଛନ୍ତି, 'ଏସିଆନ ଗେମ୍ସର ସ୍ୱର୍ଣ୍ଣ ପଦକ ଜିତି ମୁଁ ବହୁତ ଖୁସି। ଗତଥର ମୁଁ ଏହାର ବହୁତ ନିକଟତର ଥିଲି। ତୃତୀୟ ଗେମ୍‌ରେ ୧୯-୧୬ ରେ ଆଗୁଆ ଥିବା ସତ୍ତ୍ୱେ ମୁଁ ହାରିଯାଇଥିଲି। ଏଥର ପ୍ରମୋଦଙ୍କ ବିପକ୍ଷରେ ଦୁଇଟି ଗେମ୍‌ରେ ବିଜୟ ହାସଲ କରିବା ମୋ ପାଇଁ ଅତ୍ୟନ୍ତ ସ୍ପେଶାଲ ଅଟେ।' ଅନ୍ୟପଟେ ୨୦୧୮ ଏବଂ ୨୦୨୨ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରମୋଦ ଭଗତ ଏଥର ରୌପ୍ୟ ପଦକରେ ସୀମିତ ରହିଛନ୍ତି।

## ଇତିହାସ ରଚିଲେ ଅନାହତ

# ଗୋଲ୍ଡ ଲେବଲ୍ ସେମିଫାଇନାଲ୍‌ରେ ପହଞ୍ଚିବାରେ ପ୍ରଥମ ଭାରତୀୟ

**ରେଡ୍‌ଉଡ୍ ସିଟି (ଆମେରିକା)**



ଭାରତୀୟ ସ୍କ୍ୱାସ୍ ତାରକା ଅନାହତ ସିଂହ ଚମତ୍କାର ପ୍ରଦର୍ଶନ ଜାରି ରଖି ଏଠାରେ ଚାଲିଥିବା ପିଏସ୍‌ଏ ଗୋଲ୍‌ଡ ଲେବଲ୍ ସ୍କ୍ୱାସ୍ ପ୍ରତିଯୋଗିତା 'ସିଲିକନ୍ ଭ୍ୟାଲି ଓପନ୍' ସେମିଫାଇନାଲ୍‌ରେ ପ୍ରବେଶ କରି ଇତିହାସ ରଚିଛନ୍ତି। ଏଥିସହ ୧୮ ବର୍ଷୀୟା ଅନାହତ ଗୋଲ୍‌ଡ ଲେବଲ୍ ସ୍କ୍ୱାସ୍ ପ୍ରତିଯୋଗିତାର ସେମିଫାଇନାଲ୍ ପହଞ୍ଚିବାରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି।

ଗୁରୁବାର ୮ଥରର ବିଶ୍ୱ ବିଜୟିନୀ ଇଜିପ୍ଟର ନୂର ଏଲ୍ ସେରବିନୀଙ୍କୁ ପ୍ରିକ୍ୱାର୍ଟରଫାଇନାଲ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ବିଶ୍ୱର ଏହି ୧୫ନମ୍ବର ଖେଳାଳି ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ଷଷ୍ଠ ମାନ୍ୟତାପ୍ରାପ୍ତ ଇଜିପ୍ଟର ସଲମା ହାନିଙ୍କୁ ୩-୨ (୪-୧୧, ୧୧-୮, ୪-୧୧, ୧୧-୨, ୧୧-୫)ରେ ପରାସ୍ତ କରିଛନ୍ତି। ଫାଇନାଲ୍ ସ୍ଥାନ ପାଇଁ ସେ ବିଶ୍ୱର ୪ ନମ୍ବର ତଥା ଏସୀୟ କ୍ରୀଡ଼ା ବିଜୟିନୀ ମାଲେସିଆର ଶିବାସାଙ୍ଗାରୀ ସୁବ୍ରମଣ୍ୟମ୍‌ଙ୍କୁ ଭେଟିବେ।

ମ୍ୟାଚ୍ ଜିତିବା ପରେ ବିଶ୍ୱ କନିଷ୍ଠ ବିଜୟିନୀ ଅନାହତ କହିଛନ୍ତି, 'ମୁଁ ପୂର୍ବରୁ କେବେ ସଲମାଙ୍କ ବିପକ୍ଷରେ ଖେଳି ନଥିଲି, ତେଣୁ କୋର୍ଟକୁ ଓହ୍ଲାଇବା ବେଳେ କ'ଣ ଆଶା କରିବି ଜାଣି ନଥିଲି। ଗୁରୁବାରର (ଏଲ୍ ସେରବିନୀଙ୍କ ବିପକ୍ଷ) ବିଜୟ ପରେ ମୋ ମନରେ ବିଶ୍ୱାସ ଥିଲା ଯେ ଭଲ ଖେଳିଲେ ଯେକୌଣସି ଖେଳାଳିଙ୍କୁ ହରାଇ ପାରିବି। ଗତକାଲିର ମ୍ୟାଚ୍ ପରେ କିଛିଟା କ୍ଲାନ୍ତ ଥିଲି, ହେଲେ ବିଜୟର ଧାରା ହାତଛଡ଼ା କରିବାକୁ ଚାହୁ ନଥିଲି।'

## ପ୍ରଥମ ବିଜୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

# ଆଜି କଳିଙ୍ଗରେ ନର୍ଥଇଷ୍ଟ ୟୁନାଇଟେଡ୍‌କୁ ଭେଟିବ ଆଇଏସ୍‌ଏଲ୍

**ଭୁବନେଶ୍ୱର**

ଚଳିତ ଆଇଏସ୍‌ଏଲ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଶନିବାର ଭୁବନେଶ୍ୱର ଭିତ୍ତିକ ଫୁଟ୍‌ବଲ୍ ଦଳ ଓଡ଼ିଶା ଏଫ୍‌ସି ଘରୋଇ ଅଭିଯାନ ଆରମ୍ଭ କରିବ। ନିଜ ଘରୋଇ ପଡ଼ିଆ କଳିଙ୍ଗ ଷ୍ଟାଡିୟମ୍‌ରେ ସଂପ୍ରତି ଟେବୁଲର ଶୀର୍ଷରେ ଥିବା ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ଭେଟିବ ଏହି ଦଳ। ଚଳିତ ଋତୁରେ ପ୍ରଥମ ବିଜୟ ଅପେକ୍ଷାରେ ଥିବା ଓଡ଼ିଶା ଏଫ୍‌ସି ଘରୋଇ ଦର୍ଶକଙ୍କ ସମର୍ଥନରେ ତିନି ପଏଣ୍ଟ ହାସଲ ଲକ୍ଷ୍ୟରେ ରଖିଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ୍ ଲଗାତାର ତୃତୀୟ ବିଜୟ ସହ ଶୀର୍ଷ ସ୍ଥାନ ମଜବୁତ କରିବାକୁ ପ୍ରସ୍ତୁତ ହେଉଛି। ଓଡ଼ିଶା ଏଫ୍‌ସି ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ ଏଫ୍‌ସିଠୁ ୧-୨ରେ ପରାସ୍ତ ହୋଇଥିଲା ବେଳେ




ଇଣ୍ଟର କାଶୀ ସହ ୧-୧ ଗୋଲ୍‌ରେ ଅମୀମାଂସିତ ରଖି ପଏଣ୍ଟ ଖାତା ଖୋଲିଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ୍ ୧-୦ରେ ମୋହନ ବାଗାନ୍‌କୁ ଏବଂ ୪-୧ରେ କେରଳ ବ୍ଲାଷ୍ଟର୍ସକୁ ହରାଇ ପୂରା ୬ ପଏଣ୍ଟ ସହ ଶୀର୍ଷରେ ରହିଛି।

ପୂର୍ବ ରେକର୍ଡ ଅନୁଯାୟୀ ଉଭୟ ଦଳ ୧୩ ଥର ମୁହାଁମୁହିଁ ହୋଇଥିଲା ବେଳେ ଓଡ଼ିଶାଏଫ୍‌ସି ୭ ଥର ଜିତି ଆଗରେ ରହିଛି। ନର୍ଥଇଷ୍ଟ ୪ ଥର ଜିତିଥିଲା ବେଳେ ଅନ୍ୟ ୨ ମ୍ୟାଚ୍ ଅମୀମାଂସିତ ରହିଛି। ଏପରିକି କଳିଙ୍ଗ ଷ୍ଟାଡିୟମ୍‌ରେ ନର୍ଥଇଷ୍ଟ କେବେ ବି ଓଡ଼ିଶାକୁ ପରାସ୍ତ କରିନି। ତେଣୁ ଘରୋଇ ଦର୍ଶକ ସମ୍ମୁଖରେ ବିଜୟ ପାଇବା ଆଶାରେ ରହିଛି ଓଡ଼ିଶା। ମ୍ୟାଚ୍ ପୂର୍ବ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଏଫ୍‌ସିର ମୁଖ୍ୟ ପ୍ରଶିକ୍ଷକ ଟି ପୁରୁଷୋତ୍ତମ କହିଛନ୍ତି ଯେ 'ଆମ ପାଇଁ ଏହି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ। ନର୍ଥଇଷ୍ଟ ଟେବୁଲ ଶୀର୍ଷରେ ଥିଲେ ମଧ୍ୟ ବିନା ଚାପରେ ପଡ଼ିଆକୁ ଓହ୍ଲାଇବୁ। ଆମେ ଏଥିପାଇଁ ପୂରା ପ୍ରସ୍ତୁତ ଅଛୁ। ଗତ ବର୍ଷ ଆମେ ନର୍ଥଇଷ୍ଟକୁ ହରାଇଥିଲୁ। ଏଥର ଘରୋଇ ପଡ଼ିଆରେ ଏହି ଧାରା ବଜାୟ ରଖିବାକୁ ଚେଷ୍ଟା କରିବୁ।' ଏହି ସମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଏଫ୍‌ସିର ଡିଫେଣ୍ଡର ଷ୍ଟିଫେନ ଇଜି ଉପସ୍ଥିତ ଥିଲେ।

# ସୌରଭ ଗାଙ୍ଗୁଲିଙ୍କୁ ଝଟ୍‌କା: 'ଦୂସରା' ଫିଲ୍ମ ରିଲିଜ୍ ଉପରେ ରୋକ୍ ଲଗାଇବାକୁ ମନା କଲେ ଦିଲ୍ଲୀ ହାଇକୋର୍ଟ




**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଏକ ବଡ଼ ଝଟ୍‌କା ଲାଗିଛି। ମୁକ୍ତିଲାଭ କରିବାକୁ ଥିବା ହିନ୍ଦୀ ଚଳଚ୍ଚିତ୍ର 'ଦୂସରା'ର ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିବାକୁ ଦାବି କରି ଗାଙ୍ଗୁଲି ଦାଖଲ କରିଥିବା ପିଟିସନ୍‌କୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ଫିଲ୍ମର ନିର୍ମାତାମାନଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି ଏବଂ ନିର୍ଦ୍ଧାରିତ ସମୟରେ ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବା ପାଇଁ ବାଟ ଫିଟିଛି।

ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଦିନେଶ ଭଟ୍ଟ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, 'ଆମେ ଫିଲ୍ମର ରିଲିଜ୍ ଉପରେ କୌଣସି ରୋକ୍ ଲଗାଉନାହୁଁ, ତେଣୁ ଫିଲ୍ମଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିପାରିବ'। ତେବେ ଗାଙ୍ଗୁଲିଙ୍କ ପକ୍ଷରୁ ଉଠାଯାଇଥିବା ଆଇନଗତ ଆପତ୍ତି ଉପରେ କୋର୍ଟରେ ପରବର୍ତ୍ତୀ ଶୁଣାଣି ଜାରି ରହିବ।

# ଏସିଆନ ଟେବୁଲ ଟେନିସ : ୭୨ ବର୍ଷ ପରେ ଭାରତ ଜିତିଲା ମିକ୍ସଡ୍ ଡବଲ୍ସରେ ମେଡାଲ

**ନୂଆଦିଲ୍ଲୀ**

ଏସିଆନ ଟେବୁଲ ଟେନିସ ଚାମ୍ପିଅନସିପ୍‌ରୁ ଭାରତ ପାଇଁ ଏକ ବଡ଼ ଖୁସି ଖବର ସାମ୍ନାକୁ ଆସିଛି। ହରମିତ୍ ଦେଶାଇ ଏବଂ ଯଶସ୍ୱିନୀ ଘୋରପଡ଼େଙ୍କ ଭାରତୀୟ ଯୋଡ଼ି ତାସକେଣ୍ଟଠାରେ ଅନୁଷ୍ଠିତ ଏସିଆନ ଟେବୁଲ ଟେନିସ ଚାମ୍ପିଅନସିପ୍‌ର ମିକ୍ସଡ୍ ଡବଲ୍ସରେ କାଂସ୍ୟ ପଦକ ନିଜ ନାମରେ କରିଛନ୍ତି। ବ୍ରୋଞ୍ଜ ପଦକ ଜିତିବା ସହ ହରମିତ୍-ଯଶସ୍ୱିନୀଙ୍କ ଯୋଡ଼ି ଏକ ନୂଆ ଇତିହାସ ରଚିଛନ୍ତି। ଭାରତକୁ ଦୀର୍ଘ ୭୨ ବର୍ଷର ଲମ୍ବା ଅପେକ୍ଷା ପରେ ଏସିଆନ ଟେବୁଲ ଟେନିସ ଚାମ୍ପିଅନସିପ୍‌ର ମିକ୍ସଡ୍ ଡବଲ୍ସ ଇଭେଣ୍ଟରେ କୌଣସି ପଦକ ମିଳିଛି। ଏହାସହ ହରମିତ୍ ଏବଂ ଯଶସ୍ୱିନୀ ଏହି ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବାରେ ତୃତୀୟ ଭାରତୀୟ ମିକ୍ସଡ୍ ଡବଲ୍ସ ଯୋଡ଼ି ପାଲଟିଛନ୍ତି।

ଭାରତୀୟ ଯୋଡ଼ିଙ୍କ ଏହି ଯାତ୍ରା ସେମିଫାଇନାଲରେ ଜାପାନର ସୋରା ମାତ୍ସୁଶିମା ଏବଂ ମିୱା ହାରିମୋଟୋଙ୍କ ବିପକ୍ଷରେ ପରାଜୟ ସହ ଶେଷ ହୋଇଛି। ଜାପାନୀ ଯୋଡ଼ି ୧୧-୯, ୧୧-୯, ୧୧-୮ରେ ଏହି ମ୍ୟାଚ୍‌କୁ ନିଜ ନାମରେ କରିଥିଲେ। ତେବେ ହରମିତ୍-ଯଶସ୍ୱିନୀ ପୂର୍ବରୁ ହିଁ ଦକ୍ଷିଣ ଆଫ୍ରିକାକୁ ୩-୨ ରେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିବା ସହ ମେଡାଲ ନିଶ୍ଚିତ କରିସାରି ଥିଲେ। ତାଙ୍କର ଏହି ସଫଳତା ଭାରତୀୟ ଟେବୁଲ ଟେନିସ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ଦେଇଛି।



କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ହରମିତ୍-ଯଶସ୍ୱିନୀ ଗୋଟିଏ ସମୟରେ ୧-୨ରେ ପଛୁଆ ଚାଲିଥିଲେ ଏବଂ ଭାରତୀୟ ଯୋଡ଼ି ଟୁର୍ଣ୍ଣାମେଣ୍ଟରୁ ବାହାରିଯିବାର ବିପଦ ମାଡ଼ି ଆସୁଥିଲା। ତଥାପି ଭାରତୀୟ ଖେଳାଳିମାନେ ଚାପରେ ମଧ୍ୟ ହାର୍ ମାନିନଥିଲେ ଏବଂ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ। ଉଭୟ ନିର୍ଣ୍ଣାୟକ ଗେମ୍‌ରେ ଦେଖଣାହାରୀ ତାଳମେଳ ପ୍ରଦର୍ଶନ କରିଥିଲେ, ଯାହା ବଳରେ ଦକ୍ଷିଣ କୋରିଆକୁ ୩-୨ ରେ ପରାସ୍ତ କରି ଭାରତ ପାଇଁ ପଦକ ନିଶ୍ଚିତ କରିଥିଲେ। ସେମିଫାଇନାଲରେ ପରାଜୟ ସହ ହରମିତ୍-ଯଶସ୍ୱିନୀଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତଥାପି ଏହି ସଫଳତା ଭାରତୀୟ ଟେବୁଲ୍ ଟେନିସ୍ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ଦେଇଛି।

# ଆଜି ଦ୍ୱିତୀୟ ଟି୨୦ : ଖେଳିବେ ସୂର୍ଯ୍ୟବଂଶୀ, ଆହାତ ହୋଇ ଦଳରୁ ବାଦ୍ ପଡ଼ିଲେ ଇଶାନ କିଶନ

**ଖ୍ରୀଷ୍ଟଚର୍ଚ୍ଚ**

ଶନିବାର ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖ୍ରୀଷ୍ଟଚର୍ଚ୍ଚର ହେଗଲେ ଓଭାଲଠାରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ଖେଳାଯିବାକୁ ଅଛି। ଏହି ମହାମୁକାବିଲା ପୂର୍ବରୁ ଭାରତୀୟ ଦଳକୁ ଏକ ବଡ଼ ଝଟ୍‌କା ଲାଗିଛି। ଷ୍ଟାର୍ ବ୍ୟାଟର ଇଶାନ କିଶନ ଆହତ ସମସ୍ୟା ଦେଇ ଗତି କରୁଛନ୍ତି ଏବଂ ସେ ଏହି ମ୍ୟାଚ୍‌ରେ ଭାଗ ନେବେ ନାହିଁ। ବିସିସିଆଇ ତରଫରୁ ଏହି ସୂଚନା ଦିଆଯାଇଛି।

ବିସିସିଆଇର ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି, 'ଭାରତୀୟ ୱିକେଟକିପର ବ୍ୟାଟର ଇଶାନ କିଶନ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ପ୍ରଥମ ଟି୨୦ ମ୍ୟାଚ୍ ବେଳେ ତାଙ୍କ ଡାହାଣ ଗୋଡ଼ର ମାଂସପେଶୀ ଟାଣି ହୋଇଯିବା ପରି ସମସ୍ୟା ଦେଖାଦେଇଥିଲା। ଇଶାନଙ୍କୁ ଲୋ-ଗ୍ରେଡ୍ ରାଇଟ୍ ଆଡକ୍ଟର ଷ୍ଟ୍ରେନ୍ ହୋଇଛି। ବିସିସିଆଇର ମେଡିକାଲ ଟିମ୍ ତାଙ୍କ ଆହତ ସମସ୍ୟା ଉପରେ ନଜର ରଖିଛନ୍ତି ଏବଂ ତାଙ୍କ ସୁସ୍ଥ ହେବା ପ୍ରକ୍ରିୟାର ଅନୁଧ୍ୟାନ କରୁଛନ୍ତି।'

ବର୍ତ୍ତମାନ ଇଶାନ କିଶନଙ୍କ ସ୍ଥାନରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ଲେଇଙ୍ଗ୍ ଇଲେଭେନ୍‌ରେ ସ୍ଥାନ ମିଳିବାର ପୂର୍ଣ୍ଣ ସମ୍ଭାବନା ରହିଛି। ଭାରତୀୟ ଦଳର ବ୍ୟାଟିଂ କୋଚ୍ ସିତାଂଶୁ କୋଟକ ମଧ୍ୟ ଇଶାନଙ୍କ ଆହତ ସମସ୍ୟା ବାବଦରେ ସୂଚନା ଦେଇ କହିଛନ୍ତି ଯେ ପ୍ରଥମ ଟି୨୦ ମ୍ୟାଚ୍‌ରେ ତାଙ୍କର ପଞ୍ଚମ ନମ୍ବରରେ ବ୍ୟାଟିଂ କରିବା ମଧ୍ୟ ଏହି ସମସ୍ୟା ସହ ଜଡ଼ିତ ଥିଲା।

ସିତାଂଶୁ କୋଟକ ପ୍ରେସ୍ କନଫରେନ୍ସରେ କହିଛନ୍ତି, 'ମୁଁ ମଧ୍ୟ ଏହି ବିଷୟରେ ଅନେକ ଚର୍ଚ୍ଚା ଦେଖିଛି। ଇଶାନଙ୍କ ଗ୍ରୋଇନ୍ ସମସ୍ୟା ଥିଲା, ସେଥିପାଇଁ ବ୍ୟାଟିଂ କ୍ରମରେ ପରିବର୍ତ୍ତନ କରାଯାଇଥିଲା। ଶନିବାର ମ୍ୟାଚ୍‌ରେ ମଧ୍ୟ ତାଙ୍କ ଖେଳିବା ଆଶା କମ୍ ରହିଛି। ଯଦି ଇଶାନ ନଖେଳନ୍ତି, ତେବେ ବୈଭବ ନିଶ୍ଚିତ ଭାବେ ତାଙ୍କ ସ୍ଥାନ ନେବା ପାଇଁ ସବୁଠାରୁ ପ୍ରମୁଖ ଦାବିଦାରଙ୍କ ମଧ୍ୟରେ ସାମିଲ ଅଛନ୍ତି।'



ଇଶାନ କିଶନଙ୍କ ଆହତ ସମସ୍ୟା ବୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ଦଳରେ ସ୍ଥାନ ପାଇବାର ସମ୍ଭାବନାକୁ ବଢ଼ାଇ ଦେଇଛି। ଅଭିଷେକ ଶର୍ମା ଏବଂ ସଞ୍ଜୁ ସାମସନ ନିୟମିତ ଓପନର ଅଟନ୍ତି ଏବଂ ଟିମ୍ ମ୍ୟାନେଜମେଣ୍ଟ ବର୍ତ୍ତମାନ ଉଭୟଙ୍କ ପ୍ରଦର୍ଶନରେ ସନ୍ତୁଷ୍ଟ ଅଛି। ଯଦି ବୈଭବଙ୍କର ପ୍ଲେଇଂ-୧୧ରେ ଏଣ୍ଟ୍ରି ହୁଏ, ତେବେ ସଞ୍ଜୁ ସାମସନ ତୃତୀୟ ନମ୍ବରରେ ବ୍ୟାଟିଂ କରୁଥିବାର ନଜର ଆସିପାରନ୍ତି।

ପ୍ରଥମ ଟି୨୦ ମ୍ୟାଚ୍ ପୂର୍ବରୁ ଅଧିନାୟକ ଶ୍ରେୟସ ଆୟର ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ କହିଥିଲେ ଯେ ତାଙ୍କୁ ନିଜ ପାଳି ପାଇଁ ଅପେକ୍ଷା କରିବାକୁ ପଡ଼ିବ। ସେ କହିଥିଲେ, 'ସେ ଏବେ ବହୁତ ଯୁବ ଖେଳାଳି ଏବଂ ସୁଯୋଗ ପାଇବା ପାଇଁ ତାଙ୍କ ପାଖରେ ଅନେକ ବର୍ଷ ବାକି ଅଛି। ଏମିତି ନୁହେଁ ଯେ ତାଙ୍କୁ ତୁରନ୍ତ ଦଳରେ ସାମିଲ କରିଦିଆଯିବ, କାରଣ ଆମର ଉଭୟ ଓପନର ଲଗାତାର ରନ୍ ସଂଗ୍ରହ କରୁଛନ୍ତି ଏବଂ ସେମାନେ ବିଶ୍ୱକପ୍ ମଧ୍ୟ ଜିତାଇଛନ୍ତି।'

ଶ୍ରେୟସ ଆୟର ବିଦେଶୀ ପରିସ୍ଥିତିରେ ଖେଳିବାର ଅଭିଜ୍ଞତାକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ତାଙ୍କ କହିବା ଅନୁଯାୟୀ, 'ଏଠାରେ ଖେଳିବା ଦ୍ୱାରା ତାଙ୍କୁ ଏହି ପିଚ୍ ଏବଂ ପରିସ୍ଥିତିକୁ ବୁଝିବାର ସୁଯୋଗ ମିଳିବ। ପରବର୍ତ୍ତୀ ସମୟରେ ଯେତେବେଳେ ସେ ଏଠାକୁ ଆସିବେ, ସେତେବେଳେ ଆହୁରି ଭଲ ପ୍ରସ୍ତୁତି ସହ ଓହ୍ଲାଇ ପାରିବେ ଏବଂ ପ୍ରଥମ ଥର ପାଇଁ ଏଭଳି ସ୍ଥିତିରେ ଖେଳୁଥିବା ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ସାହାଯ୍ୟ କରିପାରିବେ।'

ପ୍ରଥମ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରି ୨୨୫ ରନ୍ ସଂଗ୍ରହ କରିଥିଲା। ଭାରତ ସମ୍ମୁଖରେ ୨୨୬ ରନର ଲକ୍ଷ୍ୟ ରହିଥିଲା। ଟିମ୍ ଇଣ୍ଡିଆ ମାତ୍ର ଦୁଇଟି ବଲ୍ ବାକି ଥାଇ ୨୩୦ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ନମନ ଧୀର ଏକ ଚୌକା ବା ଛକା ଦଳକୁ ବିଜୟୀ କରାଇଥିଲେ। ଏହି ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ରେ ୧-୦ ରେ ଆଗରେ ଅଛି।

# ବିସିସିଆଇ ଜୁନିୟର ସିଲେକ୍ସନ କମିଟିର ଅଧ୍ୟକ୍ଷ ହେଲେ ପରବିନ୍ଦର ଅୱାନା

**ନୂଆଦିଲ୍ଲୀ**

ବିସିସିଆଇ ଜୁନିୟର ସିଲେକ୍ସନ କମିଟିକୁ ନେଇ ଏକ ବଡ଼ ଘୋଷଣା କରିଛି। ପୂର୍ବତନ ଭାରତୀୟ ଦ୍ରୁତ ବୋଲର ପରବିନ୍ଦର ଅୱାନାଙ୍କୁ ଜୁନିୟର ସିଲେକ୍ସନ କମିଟିର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ବୋର୍ଡ ଶୁକ୍ରବାର ୨୩ ଅକ୍ଟୋବରରେ ଏକ ମିଡିଆ ରିଲିଜ୍ ଜାରି କରି ଏହି ସୂଚନା ଦେଇଛି। କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି) ଇଣ୍ଟରଭ୍ୟୁ ପ୍ରକ୍ରିୟା ଶେଷ କରିବା ପରେ ଅୱାନାଙ୍କ ନାମ ସୁପାରିସ କରିଥିଲା। ପରବିନ୍ଦରଙ୍କ ବ୍ୟତୀତ କୃଷ୍ଣା ଦାସ, ରାକେଶ ପଟେଲ ଓ ଅର୍ଜୁନ ଯାଦବଙ୍କୁ ମଧ୍ୟ ଜୁନିୟର ଚୟନ କମିଟିରେ ସ୍ଥାନ ମିଳିଛି। ସେହିପରି ଚୟନ କମିଟିର ୫ମ ସଦସ୍ୟଙ୍କ ନିଯୁକ୍ତି ଖୁବ୍ ଶୀଘ୍ର କରାଯିବ।

ଭାରତର ପୂର୍ବତନ ଦ୍ରୁତ ବୋଲର ପରବିନ୍ଦର ଅୱାନାଙ୍କୁ ଜୁନିୟର ସିଲେକ୍ସନ କମିଟିର ଅଧ୍ୟକ୍ଷ କରାଯାଇଛି। ଅୱାନାଙ୍କ ଦାୟିତ୍ୱ ଜୁନିୟର କ୍ରିକେଟରମାନଙ୍କ ଚୟନ ଏବଂ ଭାରତୀୟ କ୍ରିକେଟର ଉଦୀୟମାନ ଖେଳାଳିମାନଙ୍କୁ ଆଗକୁ ବଢ଼ାଇବା ହେବ। ୪୦ ବର୍ଷୀୟ ଅୱାନା ଭାରତ ପାଇଁ ଦୁଇଟି ଟି୨୦ ଇଣ୍ଟରନ୍ୟାସନାଲ୍ ମ୍ୟାଚ୍ ଖେଳିଛନ୍ତି। ଏହା ବ୍ୟତୀତ ସେ ନିଜର ଫାଷ୍ଟ କ୍ଲାସ୍ କ୍ୟାରିୟରରେ ୬୨ଟି ମ୍ୟାଚ୍ ଖେଳି ୧୯୧ଟି ୱିକେଟ୍ ହାସଲ କରିଛନ୍ତି। ସେ ଦିଲ୍ଲୀ, ଇଣ୍ଡିଆ ଏ ଓ ରେଷ୍ଟ ଅଫ୍ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିଲେ। ସେ ଆଇପିଏଲ୍‌ରେ କିଙ୍ଗସ ଇଲେଭେନ ପଞ୍ଜାବ ତରଫରୁ ମଧ୍ୟ ଖେଳିସାରିଛନ୍ତି।

କ୍ରିକେଟରୁ ଅବସର ନେବା ପରେ ଅୱାନା କୋଚିଂ କ୍ଷେତ୍ରରେ ପାଦ ଥାପିଥିଲେ। ସେ ଦିଲ୍ଲୀର ଅଣ୍ଡର-୧୬, ଅଣ୍ଡର-୧୯ ଏବଂ ଅଣ୍ଡର-୨୩ ଦଳ ସହ କାମ କରିଛନ୍ତି। ଏହା ବ୍ୟତୀତ ସେ ଭାରତର ଅଣ୍ଡର-୧୯ ଦଳ ଏବଂ ବିସିସିଆଇ ତଥା ସେଣ୍ଟର ଅଫ୍ ଏକ୍ସିଲେନ୍ସର ବିଭିନ୍ନ ହାଇ-ପରଫରମାନ୍ସ



ପ୍ରୋଗ୍ରାମ ସହ ମଧ୍ୟ ଜଡ଼ିତ ରହିଛନ୍ତି। ଏବେ ତାଙ୍କୁ ଜୁନିୟର ଚୟନ ସମିତିର ଅଧିନାୟକତ୍ୱ ସମ୍ପାଦନ କରିବାକୁ ଦିଆଯାଇଛି।

ପରବିନ୍ଦର ଅୱାନାଙ୍କ ବ୍ୟତୀତ କୃଷ୍ଣା ଦାସ, ରାକେଶ ପଟେଲ ଓ ଅର୍ଜୁନ ଯାଦବଙ୍କୁ ମଧ୍ୟ ଜୁନିୟର ଚୟନ କମିଟିରେ ସ୍ଥାନ ମିଳିଛି। ଦାସ ଆସାମ ଏବଂ ଗୋଆ ପାଇଁ ଖେଳିସାରିଥିବା ପୂର୍ବତନ ଦ୍ରୁତ ବୋଲର ଅଟନ୍ତି। ସେ ନିଜର ଫାଷ୍ଟ କ୍ଲାସ କ୍ୟାରିୟରରେ ୪୯ଟି ମ୍ୟାଚ୍ ଖେଳି ୧୬୬ଟି ୱିକେଟ୍ ନିଜ ନାମରେ କରିଛନ୍ତି। ସେ ଭାରତର ଅଣ୍ଡର-୧୯ ଏବଂ ଇଣ୍ଡିଆ ଏ ଦଳର ମଧ୍ୟ ପ୍ରତିନିଧିତ୍ୱ କରିସାରିଛନ୍ତି। ଖେଳ ବ୍ୟତୀତ ତାଙ୍କ ପାଖରେ କୋଚିଂର ମଧ୍ୟ ଭଲ ଅନୁଭବ ରହିଛି। ସେ ଭାରତୀୟ ଅଣ୍ଡର-୧୯ ଦଳର ବୋଲିଂ କୋଚ୍ ରହିଛନ୍ତି। ଏହା ବ୍ୟତୀତ ସେ ଉତ୍ତରାଖଣ୍ଡର ରଣଜୀ ଟ୍ରଫି ଦଳର ବୋଲିଂ କୋଚ୍‌ର ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି।

ସେହିପରି ରାକେଶ ଗୁଜରାଟ ଏବଂ ବରୋଦା ଦଳ ପାଇଁ ଖେଳିଛନ୍ତି। ସେ ଇଣ୍ଡିଆ ଏ'ର ପ୍ରତିନିଧିତ୍ୱ କରିବା ସହ ଦୁଲୀପ ଟ୍ରଫି, ଦେଓଧର ଟ୍ରଫି ଏବଂ ଇରାନୀ ଟ୍ରଫି ଭଳି ଘରୋଇ ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଭାଗ ନେଇଛନ୍ତି। କୋଚିଂ କ୍ଷେତ୍ରରେ ପଟେଲ ଗୁଜରାଟ ଏବଂ ବରୋଦାର ଅଣ୍ଡର-୧୯, ଅଣ୍ଡର-୨୩ ଓ ସିନିୟର ଦଳ ସହିତ କାମ କରିଛନ୍ତି। ସେ ୨୦୨୫-୨୬ ସିଜନ୍‌ରେ ବରୋଦାର ଅଣ୍ଡର-୨୩ ଦଳର ମୁଖ୍ୟ କୋଚ୍ ମଧ୍ୟ ଥିଲେ। ତାଙ୍କ ଅନୁଭବ ଦ୍ୱାରା ଜୁନିୟର ଖେଳାଳିମାନଙ୍କ ଚୟନରେ ସହାୟତା ମିଳିବ ବୋଲି ଆଶା କରାଯାଉଛି।

# ୫୬ତମ ଓଡ଼ିଶା ରାଜ୍ୟ ସିନିୟର ଖୋ ଖୋ ଚାମ୍ପିଅନସିପ୍ ୨୦୨୬ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ

**ପୁରୀ/ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୁରୀର ଜିଲ୍ଲା କ୍ରୀଡ଼ା ପରିସର ଖୋ ଖୋ ଏକାଡେମୀରେ ଅନୁଷ୍ଠିତ ୫୬ତମ ଓଡ଼ିଶା ରାଜ୍ୟ ସିନିୟର ଖୋ ଖୋ ଚାମ୍ପିଅନସିପ୍ (ବାଳକ ଓ ବାଳିକା) ୨୦୨୬ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫରମାନ୍ସ ସେଣ୍ଟର (ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚପିସି)ର ଆଥଲେଟ୍ ମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ଜିଲ୍ଲା ଓ ଅନୁଷ୍ଠାନ ଦଳଗୁଡ଼ିକର ପ୍ରତିନିଧିତ୍ୱ କରି ଖେଳାଳିମାନେ ଚାମ୍ପିୟନସିପ୍ ବିଜୟରେ ଉଲ୍ଲେଖନୀୟ ଅବଦାନ ରଖିବା ସହ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ସମ୍ମାନ ହାସଲ କରିଥିଲେ।

ବରିଷ୍ଠ ବାଳକ ବର୍ଗରେ ପୁରୀ ଚାମ୍ପିୟନ ହୋଇଥିବାବେଳେ, ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚପିସିର ଖେଳାଳି ଶିବ ଗୁଣ୍ଡା, ଶୁଭମ ବିଶ୍ୱାଳ, ଆଦିତ୍ୟ ଦାସ ଓ ସୌମ୍ୟ ରଞ୍ଜନ ସ୍ୱାଇଁ ଦଳର ଟାଇଟଲ୍ ବିଜୟ ଅଭିଯାନରେ ପ୍ରମୁଖ ଭୂମିକା




ନିର୍ବାହ କରିଥିଲେ। ଏହି ସଫଳତାକୁ ଆହୁରି ସୁଦୃଢ଼ କରି ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚପିସିର ଶିବ ଗୁଣ୍ଡା ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଆଟାକର ଭାବେ ବିବେଚିତ ହୋଇଥିଲେ।

ବରିଷ୍ଠ ବାଳିକା ବର୍ଗରେ ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍ ଡ୍ର'ରେ ଶେଷ ହେବା ପରେ କିସ୍ ବିଶ୍ୱବିଦ୍ୟାଳୟ ଓ ବାଲେଶ୍ୱରକୁ ଯୁଗ୍ମ ଚାମ୍ପିୟନ ଘୋଷଣା କରାଯାଇଥିଲା। ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚପିସିର ଖେଳାଳି କାଦମ୍ବିନୀ ମାଝୀ, ଶୁଭଶ୍ରୀ ସିଂ, ସବିତା ମୁର୍ମୁ, ଦୁର୍ଗାସିନୀ ମାଝୀ, ଲିସାରାଣୀ ରାଇତା, ଶୁଭଶ୍ରୀ ମଲ୍ଲିକ, ଆଶିକା କୁଜୁର, ଚିନ୍ମୟୀ ପ୍ରଧାନ ଓ ରକ୍ତିମା ଭଣ୍ଡା କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାବେଳେ, ରଞ୍ଜିତା ବାରିକ ବାଲେଶ୍ୱର ପକ୍ଷରୁ ଖେଳିଥିଲେ। ଏହା ସହିତ, ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚପିସିର ଆଥଲେଟ୍ ମାନେ ବ୍ୟକ୍ତିଗତ ବର୍ଗରେ ମଧ୍ୟ ପ୍ରମୁଖ ସମ୍ମାନ ହାସଲ କରିଥିଲେ। ଶୁଭଶ୍ରୀ ସିଂ ଶ୍ରେଷ୍ଠ ଆଟାକର ଏବଂ ରଞ୍ଜିତା ବାରିକ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ଏହି ଚାମ୍ପିୟନସିପ୍‌ରେ ଖୋ ଖୋ ଫେଡେରେସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଖୋ ଖୋ ଆସୋସିଏସନ୍ ଏବଂ ରାଜ୍ୟ କ୍ରୀଡ଼ା ପ୍ରଶାସନର ଅଧିକାରୀମାନେ ଯୋଗ ଦେଇଥିଲେ। ଆଥଲେଟ୍ ମାନଙ୍କୁ ଅଭିନନ୍ଦନ ଜଣାଇ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି "୫୬ତମ ଓଡ଼ିଶା ରାଜ୍ୟ ବରିଷ୍ଠ ଚାମ୍ପିୟନସିପ୍‌ରେ ଆମ ଖେଳାଳିମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ସେମାନଙ୍କ ଶୃଙ୍ଖଳା, ନିଷ୍ଠା ଏବଂ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଦାନ କରାଯାଉଥିବା ସଂଗଠିତ ପ୍ରଶିକ୍ଷଣକୁ ପ୍ରତିଫଳିତ କରୁଛି। ଦଳଗତ ଓ ବ୍ୟକ୍ତିଗତ ବର୍ଗରେ ସେମାନଙ୍କ ସଫଳତା କ୍ରୀଡ଼ା ପ୍ରତିଭାର ବିକାଶ ଏବଂ ଖୋ ଖୋ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବାର ଏକ ପ୍ରମୁଖ କେନ୍ଦ୍ର ଭାବେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃପ୍ରମାଣିତ କରୁଛି।"

ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚପିସି ଉତ୍କର୍ଷତାର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହୋଇଛି। ଏଠାରେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ, ବୈଜ୍ଞାନିକ ସହାୟତା ଏବଂ ଏକ ବୃତ୍ତିଗତ ପ୍ରଶିକ୍ଷଣ ବ୍ୟବସ୍ଥା ଯୋଗାଇ ଦିଆଯାଉଛି, ଯାହା ଖେଳାଳିମାନଙ୍କୁ ରାଜ୍ୟ, ଆଞ୍ଚଳିକ ଓ ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ କରିବାକୁ ସକ୍ଷମ କରୁଛି।

